ଅମ୍ଭମାନଙ୍କର ବଡ଼ଲାଟ ଲର୍ଡ କର୍ଜନ ବାହାଦୁରଙ୍କର ଦାକ୍ଷିଣାତ୍ୟ ଭ୍ରମଣ କେବଳ ଲୋକ ବା ଦେଶ ଦେଖିବା ନିମନ୍ତେ ନ ଥାଇ ଅଛିବ ହିସାପ୍ରଦ ଅଟେ ଏବଂ ସ୍ଥାନେ ୨ ବଡ଼ଲାଟ ବାହାଦୁର ଅଭିନନ୍ଦନପତ୍ର ଇତ୍ୟାଦିର ଯେଉଁ ଉତ୍ତରମାନ ପ୍ରଦାନ କରୁଅଛନ୍ତି ତାହା ସର୍ବସାଧାରଣଙ୍କର ପୁନଃ ପୁନଃ ପଠନୋପଯୋଗୀ ଅଟେ । [illegible] ଲର୍ଡ ସାହେବଙ୍କ ପ୍ରାସାଦରେ ତାଙ୍କୁ ଯେଉଁ ଭୋଜି ପ୍ରଦତ୍ତ ହୋଇଥିଲା ତହିଁରେ ଲର୍ଡ ସାହେବଙ୍କ ଉକ୍ତିର ପ୍ରତ୍ୟୁତ୍ତରରେ ସେ ବ୍ୟକ୍ତ କଲେ ଯେ କଳିକତାର ବ୍ୟବସାୟିମାନଙ୍କର ବ୍ୟବସାୟ ହେତୁ ସେ ଦେଶ ପୂର୍ବ କୁଳାପରେ ସ୍ୱଚ୍ଛନ୍ଦ ଥିଲା ଏବଂ ନ ଜାଣିବାର କ ଏବେନ ବୋମ୍ବାଇ ସହର ନହ ବ୍ୟବସାୟିମାନେ ସମାନରୂପେ ଘଉଚନ୍ତି । ଦୁଇ ବର୍ଷ ତଳେ ମହାମାରୀ ପ୍ଲେଗ ହେତୁ ୧୦୦୦୦ ଲୋକେ କାଳକବଳରେ ପତିତ ହୋଇଥିଲେ ଏବଂ ଗତ ବର୍ଷ ମରୁଡ଼ି ଯୋଗେ ଭୟାନକ ଦୁର୍ଭିକ୍ଷ ହୋଇଥିବାରୁ ଲର୍ଡ ସାହେବ ପୂର୍ତ୍ତି କାର୍ଯ୍ୟରେ ଟ ୬୦,୮୦,୦୦୦ ଙ୍କା ଖର୍ଚ୍ଚ କରି ଅନେକ ଜୀବନ ବଞ୍ଚାଇଅଛନ୍ତି ଏଥି ଉତ୍ତାରୁ ସୁରତ ନଗରକୁ ଯାଇଥିଲେ ସେଠାରେ ମିଉନିସିପାଲିଟିର ଅଭିନନ୍ଦନ ପତ୍ରର ଉତ୍ତରରେ ବ୍ୟକ୍ତ କଲେ ଯେ ଏକ ସମୟରେ ସୁରତ ପ୍ରଧାନ ବନ୍ଦର ଥିଲା । ସେତେବେଳେ ତହିଁର ଲୋକସଂଖ୍ୟା ଏକ ନିୟୁତ ଥିଲା ଏବଂ ବ୍ୟବସାୟରେ ବୋମ୍ବାଇକୁ ହରାଇ ଦେଇଥିଲା । ବର୍ତ୍ତମାନ୍ ଲୋକସଂଖ୍ୟା ହ୍ରାସ ହୋଇଅଛି । ବାଣିଜ୍ୟ ବ୍ୟବସାୟ ଅନ୍ୟ ସ୍ଥାନକୁ ଗମନ କରୁଅଛି ଏବଂ ନଦୀ ମଧ୍ୟ ପୋତି ପଡ଼ୁଅଛି । କୈତିକ ବ୍ୟବହାର ସମ୍ବନ୍ଧରେ ସେ ବ୍ୟକ୍ତ କଲେ ଯେ ସେଠା ଲୋକେ ସ୍ୱଳ୍ପ ପରିମିତ ଅନ୍ୟାନ୍ୟ ନଗର ଅପେକ୍ଷା ବେଶି ତାଡ଼ି ପାନ କରନ୍ତି, ଏବଂ ୧୧୦୦୦୦ ଲୋକ ବର୍ଷକ ମଧ୍ୟରେ ଲ ୧୨୫ ଖ ଗେଲନ୍ ତାଡ଼ି ପାନ କରିବା ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ । ଏଣୁ ସେଠା ଅଧିବାସିଙ୍କ ଧର୍ମ, [illegible] ଓ ନୀତିର ସଙ୍କୋଚ ହେବ ବୋଧେ ।

## ଯୁଦ୍ଧ-ସମାଚାର ।

ଲର୍ଡ ରବର୍ଟ୍ସ ଘୋଡ଼ା ଚଢ଼ି ଯାଉଁ ୨ ଘୋଟକ ସହିତ ଭୂତଳେ ନିପତିତ ହୋଇଥିଲେ ମାତ୍ର ସାମାନ୍ୟ ଆଘାତ ପାଇଥିଲେ । ସେ କାର୍ଯ୍ୟ କରିବାକୁ ସକ୍ଷମ ଅଛନ୍ତି ।

ବୁଅରମାନଙ୍କୁ ଦମନ କରିବା ନିମନ୍ତେ ଲର୍ଡ କିଚନାର ଏକ ଗୁପ୍ତ ଉପାୟ କଳ୍ପନା କରିଅଛନ୍ତି ଯୁଦ୍ଧ-ସମ୍ବାଦଦାତାମାନଙ୍କୁ ଯୁଦ୍ଧଭୂମିରୁ ଅନ୍ତର ହେବାର ଆଦେଶ କରିଅଛନ୍ତି । ସୁତରାଂ ବୁଅର ଯୁଦ୍ଧର ସମ୍ବାଦ ଏଣିକି ମିଳିବା କଷ୍ଟକର । କେବଳ ଏତିକି ସମ୍ବାଦ ଆସିଅଛି ଯେ ବୁଅରମାନେ ଟ୍ରାନ୍ସଭାଲ ଓ ଫ୍ରିଷ୍ଟେଟ ଅଞ୍ଚଳରୁ କାଟାଲ ଅଭିମୁଖେ ଗମନ କରୁଅଛନ୍ତି ସେଠାରେ ଉକ୍ତ ରାଜବିଦ୍ରୋହୀଙ୍କ ସହିତ ଯୋଗ ଦେବେ ।

ମିଃ କ୍ରୁଗାର ଫ୍ରାନ୍ସର ପେରିସ୍ ନଗରରେ ଉପସ୍ଥିତ ହୋଇ ବିଶେଷ ଆଦର ପାଇଅଛନ୍ତି ।

ଚୀନଯୁଦ୍ଧର କ୍ଷତିପୂରଣ ଅଙ୍କ ଦମ୍ଭରେ ଦଶ କୋଟି ଟଙ୍କା ଏଷ୍ଟିମେଟ କରାଯାଇଅଛି । ଚୀନ ଏପର୍ଯ୍ୟନ୍ତ ତହିଁରେ ସମ୍ମତ ହୋଇ ନାହାନ୍ତି ।

—

## ପାଠ୍ୟପୁସ୍ତକ ନିର୍ବାଚକ କମିଟି ।

ଏହି କମିଟି ଗଠନ ଏବଂ କାର୍ଯ୍ୟ ସମ୍ବନ୍ଧରେ ଯେଉଁ ନୂତନ ନିୟମାବଳି ହେବାର କଥା ଥିଲା ତାହା ଗତ ତା ୧୯ ରଖର କଲିକତା ଗେଜେଟରେ ବାହାରିଅଛି । କଲିକତାଠାରେ ଗୋଟିଏ ସଦର କମିଟି ହେବ ଓ ତହିଁର ସଭାପତି ଶିକ୍ଷା ବିଭାଗର ଡାଇରେକ୍ଟର ହେବେ ଓ ଅନ୍ୟୂନ ୨୦ ଜଣ ମେମ୍ବର ହେବେ । ପ୍ରେସିଡେନ୍ସି ବିଭାଗର ସ୍କୁଲ ଇନସ୍ପେକ୍ଟର ସେକ୍ରେଟାରୀ ହେବେ । ସଦର କମିଟିର ଅଧୀନରେ ବିହାର ଓ ଛୋଟନାଗପୁର ସକାଶେ ଗୋଟିଏ ସବ୍ କମିଟି ବାଙ୍କୀପୁରଠାରେ ଏବଂ ଓଡ଼ିଶା ସକାଶେ କଟକଠାରେ ଗଠିତ ହେବ । ସେହି ଦୁଇ କମିଟିର ସଭ୍ୟ ସଂଖ୍ୟା ସଭାପତି ଛଡ଼ା ଯଥାକ୍ରମେ ୮ ଓ ୬ ହେବ । ବାଙ୍କୀପୁର କମିଟିର ସଭାପତି ପାଟନା ବିଭାଗର ଇନସ୍ପେକ୍ଟର ଏବଂ ଓଡ଼ିଶା କମିଟିର ସଭାପତି ଓଡ଼ିଶା ବିଭାଗର ଇନସ୍ପେକ୍ଟର ହେବେ ଏବଂ ବାଙ୍କୀପୁରର ଅସିଷ୍ଟାଣ୍ଟ ଇନସ୍ପେକ୍ଟର ଓ କଟକର ଡେପୁଟି-ଇନସ୍ପେକ୍ଟର ଯଥାକ୍ରମେ ସେହି ଦୁଇ କମିଟିର ସେକ୍ରେଟାରୀ ହେବେ । ସଦର କମିଟି ଇଂରାଜୀ ବଙ୍ଗଳା ଓ ଅନ୍ୟାନ୍ୟ ଭାଷା ପୁସ୍ତକର ବିଚାର କରିବେ ଏବଂ ବାଙ୍କୀପୁରର କମିଟି କେବଳ ବିହାର ଓ ଛୋଟନାଗପୁରର ପ୍ରଚଳିତ ଭାଷା ପୁସ୍ତକ ଏବଂ କଟକର କମିଟି କେବଳ ଓଡ଼ିଶା ପ୍ରଚଳିତ ଭାଷା ପୁସ୍ତକର ବିଚାର କରିବେ । ଶିକ୍ଷାବିଭାଗର ଡାଇରେକ୍ଟର ଯେଉଁ ପୁସ୍ତକ ପଠାଇବେ କମିଟିମାନେ କେବଳ ତହିଁର ଉପଯୋଗିତା ବିଚାର କରିବେ । ତାହା ଛଡ଼ା ପ୍ରାଇଜ୍ ଓ ଲାଇବ୍ରେରି ପୁସ୍ତକର ବିଚାର କରି ପାରିବେ । ମାତ୍ର ଗବର୍ଣ୍ଣମେଣ୍ଟ ଯେଉଁ ପୁସ୍ତକ ମଞ୍ଜୁର କରିବେ ଏବଂ ପ୍ରତିବର୍ଷ ଜାନୁୟାରି ମାସରେ ଯେଉଁ ପାଠ୍ୟପୁସ୍ତକର ତାଲିକା ଗବର୍ଣ୍ଣମେଣ୍ଟଙ୍କର ଆଦେଶାନୁସାରେ ବାହାରିବ ତାହା ଛଡ଼ା ଅନ୍ୟ କୌଣସି ପୁସ୍ତକ କୌଣସି ବିଦ୍ୟାଳୟରେ ପାଠ୍ୟପୁସ୍ତକ ସ୍ୱରୂପ ବ୍ୟବହାର ହେବ ନାହିଁ । ଯଦ୍ୟପି କୌଣସି ସାହାଯ୍ୟପ୍ରାପ୍ତ ବା ଅନ୍ୟ ବିଦ୍ୟାଳୟରେ ପାଠ୍ୟପୁସ୍ତକ ତାଲିକା ଛଡ଼ା ଅନ୍ୟ ପୁସ୍ତକ ପଢ଼ାଯିବ ତେବେ ସେ ବିଦ୍ୟାଳୟର ଛାତ୍ର ପାସ କଲେ ହେଁ ସରକାରୀ ବୃତ୍ତି ବା ସାର୍ଟିଫିକେଟ ପାଇବ ନାହିଁ ।

କୌଣସି ଗ୍ରନ୍ଥକାର ବା ପ୍ରକାଶକ ଯେଉଁ ପୁସ୍ତକ ବ୍ୟବହାର ହେବା ନିମନ୍ତେ ବାଞ୍ଛା କରିବ

Digitized by srujanika@gmail.com

Split by PDF Splitter



ସେ ସେହି ପୁସ୍ତକର ୫ ୩ ଖଣ୍ଡ ଏବଂ ଖଣ୍ଡା ଆବେଦନପତ୍ର ସହିତ ଶିକ୍ଷା ବିଭାଗର ଡାଇରେକ୍ଟରଙ୍କ ନିକଟକୁ ପଠାଇବ । ଯେବେ ଡାଇରେକ୍ଟର ମହାଶୟ ସେ ପୁସ୍ତକ ସମ୍ବନ୍ଧରେ କମିଟିର ମତ ଗ୍ରହଣ କରିବା ଉଚିତ ବିବେଚନା କରିବେ ତେବେ ଆଉ ଯେତେ ଖଣ୍ଡ ପୁସ୍ତକ କମିଟିର ବିଚାର ନିମନ୍ତେ ଦରକାର ହେବ ତାହା ପଠାଇଦେବା କାରଣ ଲେଖି ପଠାଇବେ । ଗ୍ରନ୍ଥକାର ବା ପ୍ରକାଶକ ଯେତେ ଖଣ୍ଡ ପୁସ୍ତକ ଦେବେ ତହିଁର ମୂଲ୍ୟ ପାଇବେ ନାହିଁ ଏବଂ ପୁସ୍ତକ ଅଗ୍ରାହ୍ୟ ହେଲେ ତହିଁର କାରଣ ଦର୍ଶାଇବାକୁ ଡାଇରେକ୍ଟର ବାଧ୍ୟ ନୁହନ୍ତି ।

## ଦୁର୍ଭିକ୍ଷର ନିଦାନ ।

ଗତ ସେପ୍ଟେମ୍ବର ମାସ ତା ୨୨ ରିଖରେ କଲିକତାର ବ୍ରିଟିଶ୍ ଇଣ୍ଡିଆନ ଆସୋସିଏସନ ନାମକ ସଭାର ବାର୍ଷିକ ଅଧିବେଶନ ହୋଇଥିଲା ଏବଂ ରାଜା ପ୍ୟାରୀମୋହନ ମୁଖୁର୍ଯ୍ୟା ସି, ଏସ୍, ଆଇ, ସେହି ଅଧିବେଶନର ସଭାପତିର କାର୍ଯ୍ୟ ନିର୍ବାହ କରି ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁର ପ୍ରଧାନ ବିଷୟ ଭାରତର ଦୁର୍ଭିକ୍ଷ ଥିଲା । ସେହି ବକ୍ତୃତାଟି ଅତ୍ୟନ୍ତ ଯୁକ୍ତିସଙ୍ଗତ ଏବଂ ସମୟୋଚିତ ହୋଇଥିବାରୁ ତହିଁର ସଂକ୍ଷେପ ମର୍ମ ପାଠକମାନଙ୍କୁ ଜଣାଉଅଛୁଁ ଯଥା—

ଯେଉଁମାନେ କହନ୍ତି କି ମୌସୁମୀ ବୃଷ୍ଟିର ଅସ୍ତବ୍ୟସ୍ତତା ଅଥବା ଲୋକ ବୃଦ୍ଧି ହେତୁ ଭାରତରେ ଘନ ଘନ ଦୁର୍ଭିକ୍ଷ ହେଉଅଛି ସେମାନେ କେବଳ ସତ୍ୟକଥା ଲୁଚାଇ ରଖିବାର ସାହାଯ୍ୟ କରୁଅଛନ୍ତି । ଧନଧାନ୍ୟ ସ୍ଥଳ ବୋଲି ଭାରତ ସଦା ବିଖ୍ୟାତ ମାତ୍ର ଗତ କେତେକ ବର୍ଷ ହେଲା ପୁନଃ ପୁନଃ ଦୁର୍ଭିକ୍ଷ ପ୍ରତ୍ୟକ୍ଷ ହେଉଅଛି । ଅତଏବ ତହିଁର ମୂଳକାରଣ ଅନୁସନ୍ଧାନ କରିବା ନିତାନ୍ତ ଆବଶ୍ୟକ । ଇଂଲଣ୍ଡର ମଧ୍ୟ ଯୁଗରେ ପ୍ରାୟ ପ୍ରତି ୯ । ୧୪ ବର୍ଷରେ ଥରେ ଦୁର୍ଭିକ୍ଷ ପଡୁଥିଲା ମାତ୍ର ସେତେବେଳେ କୃଷିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଜମିଦାରମାନଙ୍କୁ କର ଦେଇ ସେମାନେ ବ୍ୟସ୍ତ ହୋଇଥିଲେ । ଫ୍ରେନ୍ସ ରାଜ୍ୟରେ ମଧ୍ୟ ନୈସର୍ଗିକ କାରଣ ଅପେକ୍ଷା ନୈତିକ କାରଣରେ ଦୁର୍ଭିକ୍ଷ ଘଟିଥିଲା । ସନ ୧୮୭୦ ସାଲରେ ଅନାବୃଷ୍ଟି ହେତୁ ଭାରତରେ ଯେଉଁ ମହା ଦୁର୍ଭିକ୍ଷ ପଡିଥିଲା ତାହା ମଧ୍ୟ ତହିଁ ପୂର୍ବ କେତେକ ବର୍ଷରେ ଦେଶରୁ ଅନେକ ଧନ ବାହାର ଯିବାହେତୁ ଘଟିତ ହୋଇଥିଲା । ଦଶବର୍ଷ ଅଲଙ୍କର ୯୦୦୦୦ ସୈନ୍ୟର ଦୌରାତ୍ମ୍ୟରେ କର୍ଣ୍ଣାଟ ରାଜ୍ୟରେ ଦୁର୍ଭିକ୍ଷ ଅତ୍ୟନ୍ତ ଭୟଙ୍କର ହୋଇଥିଲା । ଭାରତପରି ବୃହତ ରାଜ୍ୟର ଏକ ପାର୍ଶ୍ୱରେ ଏକ ବର୍ଷ ଫସଲ ନଷ୍ଟ ହେବାଦ୍ୱାରା ଦୁର୍ଭିକ୍ଷ ଘଟିବା ସୁସଙ୍ଗତ ନୁହେ । ମେକଲେ ସାହେବ କହିଅଛନ୍ତି କି ବଙ୍ଗଳାର ଅସଂଖ୍ୟ ଶସ୍ୟାଗାରମାନ ଭାରତର ଅଧିକାଂଶ ଲୋକଙ୍କୁ ବଞ୍ଚାଇ ରଖୁଥିଲା । ଅନ୍ୟ କଥା ଗତ ସରକାରୀ କାଗଜ ପ୍ରତି ଦୃଷ୍ଟି କଲେ ଦେଖାଯାଏ ଯେ ସନ ୧୮୭୭ ଠାରୁ ସନ ୧୮୭୮ ପର୍ଯ୍ୟନ୍ତ ଦୀର୍ଘକାଳସ୍ଥାୟୀ ଦୁର୍ଭିକ୍ଷରେ ଭାରତରୁ ୯ କୋଟି ମହଣ ଗହମ ଓ ଚାଉଳ ରପ୍ତାନି ହୋଇଥିଲା ଏବଂ ବର୍ତ୍ତମାନ ବର୍ଷର ଦୁର୍ଭିକ୍ଷ ଯାହା କି ସରକାରଙ୍କ କଥନଭାବରେ ପୂର୍ବର ସମସ୍ତ ଦୁର୍ଭିକ୍ଷଠାରୁ ଗୁରୁତର ଅଟେ ସେହି ବର୍ଷର ପ୍ରଥମ ଛଅ ମାସରେ ୨ କୋଟି ୮୦ ଲକ୍ଷ ମହଣ ଶସ୍ୟ ବିଦେଶକୁ ମହାଜନମାନେ ଘେନି ଯାଇଥିଲେ । ଯେଉଁସ୍ଥଳେ ପ୍ରତିବର୍ଷ ଭାରତରୁ ଏତେ ଶସ୍ୟ ରପ୍ତାନି ହେଉଅଛି, ବଙ୍ଗ ଏବଂ ଅନ୍ୟାନ୍ୟ ପ୍ରଦେଶରେ ଚାଷ ହେବା ଯୋଗ୍ୟ ପ୍ରାୟ ସ୍ୱଉପଣ ଭୂମି ପଡିଆ ରହିଅଛି ଏବଂ ଦ୍ୱିତୀୟ ଶ୍ରମସାଧ୍ୟ ଜୀବିକାର ଅସୀମ ଉପାୟ ରହିଅଛି ସେ ସ୍ଥଳେ ଲୋକବୃଦ୍ଧି ହେତୁ ଦୁର୍ଭିକ୍ଷଘଟଣାର ଯୁକ୍ତି ପ୍ରତି କିଏ ବିଶ୍ୱାସ କରିବ ? ଯେମନ୍ତ ଏକ ପରିବାରରେ ସେହିପରି ଏକ ଜାତିରେ ଲୋକ ବୃଦ୍ଧି ମଙ୍ଗଳ ବୋଲି କେହି ଅମଙ୍ଗଳ ଜ୍ଞାନ କରନ୍ତି ନାହିଁ । କାରଣ ନବ ବୃଦ୍ଧିର ଆଶା ସମସ୍ତଙ୍କ ମନରେ ପ୍ରବଳ । ବୋଧ ହୁଏ ସେହିହେତୁ ରୋମର ରାଜା ଚତୁର୍ଥ ଫିଲିପ ବିବାହିତ ବ୍ୟକ୍ତିଙ୍କୁ କେତେକ ଅଧିକାର ଦେଇଥିଲେ । ଏଥିରୁ ପ୍ରକୃତ ପ୍ରସ୍ତାବରେ ଲୋକବୃଦ୍ଧିର ପରିମାଣ କେତେ ସେ ତାହା ଆମ୍ଭମାନଙ୍କର ସମସ୍ତ ଅମଙ୍ଗଳର ହେତୁ ବୋଲି କଥିତ ହୁଏ । ଗତ ସେନ୍ସସ୍ ବା ଲୋକଗଣନାରୁ ପ୍ରକାଶ ଯେ ଦଶ ବର୍ଷରେ ଉତ୍ତରପଶ୍ଚିମରେ ଶତକଡ଼ା ୬ ଏବଂ ମଧ୍ୟପ୍ରଦେଶରେ ଶତକଡ଼ା ୬୩ ଲୋକବୃଦ୍ଧି ହୋଇଥିଲା । ଅଥଚ ଏହି ଦୁଇ ପ୍ରଦେଶରେ ଯାହା ବା ନବାବ ଦତ ବମ୍ବେ ଏବଂ ବଙ୍ଗଳାରେ ସେହି ସମୟରେ ଶତକଡ଼ା ପ୍ରାୟ ୭ ବୃଦ୍ଧି ହୋଇଥିଲା । ମାତ୍ର ବିଲାତରେ ପ୍ରତି ଦଶବର୍ଷ ଲୋକବୃଦ୍ଧି ଶତକଡ଼ା ୧୦ ରୁ ଊଣା ନୁହେ । ଅତଏବ ସନ ସନ ଦୁର୍ଭିକ୍ଷ ପଡିବାର କାରଣ ଅନାବୃଷ୍ଟି ଅଥବା ଲୋକବୃଦ୍ଧି ନୁହେ ମାତ୍ର ପ୍ରକୃତରେ ଲୋକଙ୍କର ଦରିଦ୍ରତା ଅଟେ । ଚିରସ୍ଥାୟୀ ବନ୍ଦୋବସ୍ତୀ ବଙ୍ଗ ପ୍ରଦେଶରେ ଭୂମିକର, ଇନକମ୍ଟିକସ, ଲବଣକର, ଷ୍ଟାମ୍ପମାସୁଲ, କୋର୍ଟଫିସ, ପଥ ପ୍ରଦେଶୀୟ କର, ଡାକଦେହାଡ଼ି, ଅବକାରୀ, ଚୌକିଦାରୀ, ମ୍ୟୁନିସିପାଲ କର, ଘାଟମାସୁଲ ଜଳକର, କଷ୍ଟମ ମାସୁଲ, କାଷ୍ଠଜାତିଷ ପ୍ରଭୃତି ନାନାକର ଅଧିକାଂଶ ଲୋକେ ଦେଉଅଛନ୍ତି ଏବଂ ସେ ସବୁ ଦେବା ଭିତ୍ତିରୁ ଅତି ଅଳ୍ପ ଲୋକଙ୍କ ହାତରେ ନିଜର ଓ ପରିବାରର ଭରଣପୋଷଣ ନିମନ୍ତେ କିଛି ଟଙ୍କା ରହିଯାଏ । ସାମୟିକ ବନ୍ଦୋବସ୍ତୀ ପ୍ରଦେଶର ଲୋକଙ୍କ ଅବସ୍ଥା ଭଲ ନୁହଁ କଲେ । ଉପରଲିଖିତ କର ଓ ଉପକରମାନ ଛଡ଼ା ପ୍ରତି ବନ୍ଦୋବସ୍ତରେ ବନ୍ଦୋବସ୍ତ ମହକୁମାର ନିମ୍ନ କର୍ମଚାରୀଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ନିମନ୍ତେ ଅଳ୍ପ ବ୍ୟୟ ପଡେ ନାହିଁ ଏବଂ ତହିଁଉପରେ ଜମା ବୃଦ୍ଧି ଦେବାକୁ ପଡେ । କର ଏପରି କ୍ରମାଗତ ବୃଦ୍ଧି ଉପରେ ଅଛି ଏବଂ ତହିଁର ଫଳ ଯାହା ହେବା ଉଚିତ ତାହାହିଁ ହେଉଅଛି । ଶତକଡ଼ା ପ୍ରାୟ ୮୦ ଜଣ କେବଳ କୃଷିଦ୍ୱାରା ପେଟ ପାଳନ୍ତି ଏବଂ ସେମାନଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୭୫ ଜଣ ଦୁର୍ଦ୍ଦମ୍ୟ ଋଣ ଜାଲରେ ବେଷ୍ଟିତ । ବିଷୟଜ୍ଞମାନଙ୍କ ଅନୁମାନ ଅନୁସାରେ ସୁଫଳର ବର୍ଷରେ ପ୍ରାୟ ୪ କୋଟି ଲୋକ ଦ ୪ ନରେ ଏକଥର ମାତ୍ର ଭୋଜନ କରନ୍ତି ଏବଂ ସାର୍ ଜେମ୍ସ କେୟାର୍ଡଙ୍କ ମତରେ କୃଷିକାରଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେ ଲୋକ ବର୍ଷମଧ୍ୟରେ କେବେ ପୂର୍ଣ୍ଣ ଭୋଜନର ସୁଖ ଅନୁଭବ କରନ୍ତି ନାହିଁ । ଲୋକଙ୍କର ଦୁଃଖ ଦୂର କରିବା କାରଣ ସରକାର ନାଳ ଏବଂ ରେଲବାଇ ନିର୍ମାଣରେ ଅଗାଧ ଅର୍ଥ ବ୍ୟୟ କରୁଅଛନ୍ତି । ମାତ୍ର ଦୁର୍ଭାଗ୍ୟ ବଶତଃ ତଦ୍ୱାରା ଦୁଃଖ ଦୂର ନ ହୋଇ ବରଂ ବଢୁଅଛି । ଆଜିକାଲି ପ୍ରତିବର୍ଷ ଲୋଡ଼ା ହୁଅଇ ନାହିଁ ମାତ୍ର ଜଳକର ପ୍ରତିବର୍ଷ ଦେବାକୁ ହୁଏ ଏବଂ ତହିଁରେ ସରକାରଙ୍କର ଲାଭ । କି ଉପାୟରେ ଲୋକଙ୍କର ଦରିଦ୍ରତା ଅନ୍ତର ହେବ ତାହା ଆମ୍ଭେ କହିବାକୁ ପ୍ରସ୍ତୁତ ନୋହୁଁ । ଇଂଲଣ୍ଡ ପ୍ରଭୃତି ସ୍ୱାଧୀନ ରାଜ୍ୟର ଜନସାଧାରଣଙ୍କ ହସ୍ତରେ ଭାରତର ଶାସନ ଭାର ରହିଅଛି । ସେହି ଇଂଲଣ୍ଡ-ଜନଙ୍କଠାରେ ଆମ୍ଭର ପ୍ରାର୍ଥନା ଏହିକି ଯେ ଭାରତବାସୀଙ୍କ ଦୁଃଖ ନାଶ ନିମନ୍ତେ ସେମାନେ ଦୃଢ଼ପ୍ରତିଜ୍ଞ ହେଉନ୍ତୁ ଏବଂ ଏମନ୍ତ ବ୍ୟବସ୍ଥା କରନ୍ତୁ କି ଯହିଁରେ ଭାରତବାସୀମାନେ ସୁଖରେ ରହିବେ ଓ ସେମାନଙ୍କର ଶାସନ ପ୍ରଣାଳୀର ଗୌରବ ବଢିବ ।

Digitized by srujanika@gmail.com

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଅଫିସିଏଟିଂ ଜଏଣ୍ଟ ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ମି: ଏମ୍, ଡ଼ି ଅର ନଭେମ୍ବର ମାସ ତା ୧୪ ଋଣଠାରୁ ବାଲେଶ୍ୱର ଜିଲ୍ଲାର ସଦର ମହକୁମାରେ ଅବସ୍ଥାପିତ ହେଲେ ।

ଛୁଟିପ୍ରାପ୍ତ ଖୋରଧା ସୁପ୍ତଣ୍ଟ ମି: ଏଚ, ସି, ଡାଲ ତମାର-ବାରେ ଅବସ୍ଥାପିତ ହେଲେ ।

କେନ୍ଦ୍ରାପଡା ସ୍ୱାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ବାବୁ ଲକ୍ଷ୍ମୀନାରାୟଣ ଘୋଷଙ୍କ ଇସ୍ତଫା ମଞ୍ଜୁର ହୋଇଅଛି ।

ନିମ୍ନଲିଖିତ ଭଦ୍ରବ୍ୟକ୍ତିମାନେ କେନ୍ଦ୍ରାପଡା ସ୍ୱାଧୀନ ବେଞ୍ଚର ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହେଲେ ।

୧ ବାବୁ ଅମ୍ବିକାଚରଣ ବୋଷ ।

୨ ସେଖ ଫାଜ ବୋକକାନ୍ ଅଲ୍ଲୀ ।

ଭାଗଲପୁର ବଲ୍ଲଭର ଅସିଷ୍ଟାଣ୍ଟ ଇଞ୍ଜିନିୟର ମି: ଜି, ସୀ ଚଣ୍ଡିଂ ପୋର୍ଜ ଓଡ଼ିଶା ବିଭାଗକୁ ବଦଳି ହେଲେ ।

---

ଏ ଜିଲ୍ଲାର କଲେକ୍ଟର ସାହେବ ମୋଫସଲ ଗସ୍ତକୁ ଗତ ଗୁରୁବାର ଯାଇଅଛନ୍ତି ।

ଏ ଜିଲ୍ଲାର ଅଲଖାବଳୀର ନିବାସୀ ନିଳମଣି ଓ ହାବୋରାଙ୍କୁ ସୁଲସ୍ ଖା ୧୧୦ ର ଘଟନାରେ ସ୍ୱଜନ ହେଉଥିଲେ ମାତ୍ର ମଣ୍ଡି କସାହେବଙ୍କ କଚେରୀରେ ସେମାନେ ଖଲାସ ପାଇଲେ । ଏସବୁ ମାମଲାରେ ପ୍ରମାଣର ବିଶେଷ ସାବଧାନ ହେବା ଉଚିତ ।

ଏଠା ମିଉନିସିପାଲିଟି ଖେଣ୍ଡ୍ରସାହି କଣାଇ ଦେଇଅ-ଛନ୍ତି କ ଅମିଣ୍ଡର କୋଠି ଘାଟଠାରୁ ପୂର୍ବଦିଗ ପର୍ଯ୍ୟନ୍ତ କାଠଯୋଡି କଲରେ ଧୋବାମାନେ ଲୁଗା କାଚିବେ ନାହିଁ । ଧୋବାମାନଙ୍କ ପ୍ରତି ଏ ଆଦେଶ ଜାରି କରିବା ଦ୍ୱାରା ସେମାନେ ଲୁଗାକାଚିବା ମୂଲ୍ୟ ବଢାଇଅଛନ୍ତି ।

ରଘୁନାଥପୁର ଅସିଷ୍ଟାଣ୍ଟ ସୁପ୍ରଣ୍ଡେ ବାବୁ ସୁଦାମଚନ୍ଦ୍ର ମାଧବ ଇଞ୍ଜିନିୟର କାର୍ଯ୍ୟରେ ଜମିନ କରୁଅଛନ୍ତି । ସେ ଅଠଗଡ ଉଦି ଶସ୍ୱା, ବଡ଼ାମ୍ବା ଖଣ୍ଡପଡା ଇତ୍ୟାଦି ପ୍ରଭୃତି ହୋଇ ପୁଣି ଠାରେ ବଢ଼ସଡ଼ଙ୍କ ଆଗମନ ସମୟରେ ଉପସ୍ଥିତ ହେବେ ବୋଲି ଶୁଣାଯାଏ ।

ଦେଙ୍କାନାଳର ଭୁତପୂର୍ବ ମାନେଜର ବାବୁ ଭଗବାନଙ୍କ ଶୋଷ ଦେଙ୍କାନାଳର ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ହେଲେ ।

ଦେଙ୍କାନାଳର ସହକାରୀ ବନ୍ଦୋବସ୍ତ କର୍ମଚାରୀ ବନ୍ଦୋ-ବସ୍ତ କାର୍ଯ୍ୟରୁ ଅବ୍ୟାହତ ପାଇ ବମି ନ୍ୟୁ ପୋଷ୍ଟାଲ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ବାଲେଶ୍ୱରଜିଲ୍ଲାର ଜଏଣ୍ଟ ମାଜିଷ୍ଟ୍ରେଟ ମି: ଅର, ଜବାଲୁ କାଉସଲ ବି, ଏଲ, ଏ ଗଲମାସ ତା ୨୪ ତାରିଖରେ ଛୁଟିରୁ ଗ୍ରହଣ କଲେ ।

ଏଥ ଜଜ ମି: କ୍ୟୁରିଜ ବାଲେଶ୍ୱରର ଚାର୍ଜ ଶାର ଦେଠାର ଓ ଭଦ୍ରକର ମୁନସଫି କଚେରୀମାନ ପରିଦର୍ଶନରେ ଯାଇ ଅଛନ୍ତି ।

ଏଥର ବାଲେଶ୍ୱର ଦଳିଗରେ ଷ୍ଟେସନ ମକଦମା ଏସ ସଥା; ଦୁଇଟା ବାଳି ଏବଂ ଦୁଇଟା ଷଣ୍ଡ ଏକତ୍ରରେ ରଙ୍ଗ ଗୁଲ ଜଣେ ମୁସଲମାନ ଅପଣା ପିତାକୁ ଛୁରା ଭୁଷିବେକା ଦ୍ୱାରା ହତ୍ୟା କରିଥିବାରୁ ସାକ୍ଷୀଙ୍କ ଜୀବନଦାନ ଦେଇ ଏବ ଅନ୍ୟସ୍ଥରେ କମିଶନ କରଯାଇ ମାଇପିଟି ହେତୁ ଏକବ୍ୟକ୍ତି ଅସାଢ଼ ଗାଇ ହେଡେଜଟରେ ମରିସିବାରେ ପ୍ରଧାନ ଅସାମ

ବା ଓ ଭାଇମାନେ ମା ବାପ ଓ ଭାଇ ମଧ୍ୟ ନିସ୍ତାର ପାଇଲେ ।

ବାଲେଶ୍ୱର ସୁଲତାନନଗର ଗ୍ରେଡର ଭଣ୍ଡ ଠିକଣା ହୋଇ ନାହିଁ କୌଣସି ଅନୁସନ୍ଧାନ ପାଉଥାଇ ନାହିଁ ଇନ୍ସ ପେକ୍ଟରଙ୍କ ବସ୍ତ୍ରରେ ବଜାରସ୍ଥରେ ମେସର୍ଜନିସ ପଦବର୍ଦ୍ଧନରେ କଚେରୀର ଗୋଟାଏ ଛେଳି ବାହାରକୁ କେହି ଅପରାଧରେ ଗ୍ରହଣ ହୋଇଗଲା ।

ଭାବଡ଼ାର ଜଣେ ଗରିବ ଗୋଧୂ ଜଳ ମିଶାଇ ଦୁଧ ବିକ୍ରୟ କରିବା ଅପରାଧରେ ଦୁଇ ଟଙ୍କା ଜରିମାନା ସହିତ ୫୧୫ ଦା ଗ୍ରହିତ୍ରରେ ରଚିତ ହୋଇଥିବାର ସମ୍ବାଦ ମିଳଇ ।—ସହରମାନଙ୍କର ଜଳ ମିଶାଇବା ରୋଗ କ ଟଳାଇବ ହେବାର କହିବ ?

ଚାନ୍ଦବାଲିର ମହାପାତ୍ର ଭୀମ ବେଶଙ୍କ ପେଟ ଅସୁସ୍ଥ ହବାର ସମ୍ବାଦ ମିଳଇ ।—ତେଣୀସ୍ ଭାଗମାନେ ସୁଜ-ଷ୍ଟେସନକୁ ସାଇ ଯୁକ୍ତ କରିବା ଅଭିଯ ପ୍ରସଂଶା ଓ ସ୍ୱାର୍ଥ ତ୍ୟାଗର ଦଷ୍ଟାନ୍ତ ଅଟଇ ।

ଜର୍ମାନୀର ସମ୍ରାଟ ଉଇଲ ମାସ ତା ୧୨ ତାରିଖରେ ଚଳିଲେ ଗାଡ଼ି ବୁଲୁଥିବା ସମୟରେ ଜଣେ ଶ୍ରୀଗ୍ରେଟ ତାଙ୍କ ଉପରୁ ଗୋଟାଏ ଦୁଇଟି ଛିଣ୍ଡେ କଲ । ପୋଲିସ କର୍ମ ସୁଶାରିଟି କରିବେ ବାଣ ପେଲଟ ସହିତ । ଡାକ୍ତରମାନେ ଶ୍ରୀ ସେଳଟ ପାଗଳ ବୋଲି କହୁଅଛନ୍ତି ।

କଲିକତାଠାରେ ଏକ ବେଶୀସ୍ କୃଷ୍ଣାଙ୍ଗ ମଳ ଦଇତ ଦୁଧ ବିକ୍ରୟ କରୁଥିବାରୁ ତାହା ନାମରେ ଏକ ଖଣ୍ଡଘରଣ ଚାଲାଇ ମୋକଦ୍ଦମା ହାଇକୋର୍ଟରେ ଅସତ ହୋଇଅଛି । ଭଲ ଦୁଧର ଦକ୍ଷତା କ କରି ଏତେ ଉଛାହରେ ପଢ଼ିବାର ପ୍ରୟୋଜନ କଣ ?

କଲିକତାରେ ଜଣେ ସ୍ତ୍ରୀ ସ୍ୱାମୀର ଏବଂ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯାଇଁ ଟ୍ରେନ ଗାଡ଼ି ତାହା ଉପରେ ଯିବାରୁ ଗୋଡ଼ କାଟିଗଲା । ହସ୍ପିଟାଲରେ ତାହାର ଗୋଡ଼ଟି କଟା ହେବାର ସମ୍ବାଦ ମିଳଇ ।

ଶ୍ରୀକାନ୍ତପୁରର ଜଣେ ସେଖ ଅପଣାର କନ୍ୟାର ବିବାହ ଉତ୍ସବରେ ଗୁରୁଙ୍କଠାରୁ କେତେକ ଅଳଙ୍କାର ଉଧାର ଆଣି ପରେ ଗୁରୁ ମାଗିବାରୁ ତାହା ଫେରାଇ ନ ଦେବାରୁ ତାଙ୍କ ନାମରେ ଫୌଜଦାରୀ ଅଦାଲତରେ ମୋକଦ୍ଦମା ଅସତ ହୋଇଅଛି ।

ଫ୍ରିହୁଲନ୍ତିଗର୍କୁ ଏପର୍ଯ୍ୟନ୍ତ ଶବ୍ଦାବ ମୋଟ ଗାଳିହାର ଛଅଶତ ବୁରବନ୍ଦୀ ପ୍ରେରଣ ହୋଇଅଛନ୍ତି ।

ବାସ୍ରାଣ ପୋଦାରବେଳ ଏକଜଣ ସଚ୍ଚୋନାର ନାମକ, ସେ ତାଙ୍କର ଏକମାତ୍ର ପୁତ୍ର ସହିତ ନୌକା ଯୋଗେ ଅନ୍ତ-ଲିଖିତ ମହାସାଗର ପାର ହେବାର ଅଭିଳାଷୀ ହୋଇ ଇଂଲଣ୍ଡଠାରୁ ଏକ୍ଷି ନୌକା ଅନୁକୂଳ ସମୁଦ୍ରରେ ଭସାଇ ଦେଇଥିଲେ । ସମ୍ବାଦ ଅଛି ଯେ ପିତା ଓ ପୁତ୍ର ଉଭୟେ ଅନୀଆରେ କେତେ ଅବିଗୁଣରେ ହେଲେକା ଦକ୍ଷଗ୍ରାମ ଦୀପରେ ଉପସ୍ଥିତ ହୋଇଅଛନ୍ତି ।

## ଦର୍ପଣ-ସମ୍ବାଦ ।

ମାନ୍ୟବର ଶ୍ରୀଯୁକ୍ତ କଲେକ୍ଟରସାହେବ ମହୋଦୟ ଓ ଅବକାରୀବଙ୍କର ଜ୍ୟେଷ୍ଠ କଲେକ୍ଟର ମହୋଦୟ ଅଙ୍ଗ ବଲିକଣା ମୁକାମରେ ତା ୨୭ ତାରିଖରେ ଉପସ୍ଥିତ ହୋଇ ଷ୍ଟେସନସମାଗମ ପରିଦର୍ଶନ କରିଥିଲେ ।

ଅତ୍ରଭାଗର କନ୍ଦନ୍ତିମାନେ ଧାନ୍ୟ ନଷ୍ଟ କରୁଥିବାରୁ କୃଷକମାନେ କଡା ରାତ୍ର ଧାନ୍ୟ ସଗ୍ରହରେ ବ୍ୟସ୍ତ ।

ମି: ଟେଲର ବିଂକଲୁମ ପଦବର୍ଦ୍ଧିନ ହୋଇଥିବାରୁ ଶ୍ରୀ ବାବୁ ହରେକୃଷ୍ଣ ମହାନ୍ତି ବ, ଏ, ଙ୍କ ଉପରେ ଦର୍ଶଣ ବାଲା-କସ୍ତ କାର୍ଯ୍ୟ ନ୍ୟସ୍ତ ଅଛି ।

କଡ଼ଚଣା ମାଇନରସ୍କୁଲର ଷଣ୍ମାସିକ ପରୀକ୍ଷା ଉଂଭାଗରୋଗ କମଧ୍ୟ ବୃଦ୍ଧି ଓ ବୋର୍ଡିଂସ୍କୁଲ ଶେଷ ହୋଇଅଛି ।

## ଯାଜପୁର ସମ୍ବାଦ ।

ଯାଜପୁର ... ମାନ ହେଡକନଷ୍ଟବଲ ନିତ୍ୟାନନ୍ଦମହାନ୍ତି ଦଣ୍ଡବିଧି ଅଧ୍ୟାୟ ... ଧାରାର ଅପରାଧରେ ସ୍ୱଜନ ହୋଇ ଅଛି । ... ଯେ ନଥିପୁରଜଗଲ କେନ୍ଦ୍ରପୁର ଗ୍ରାମର ଏକ ସେଖ ମୋକଦ୍ଦମା ତଦାରଖ ନିମନ୍ତେ ହେଡ-କନଷ୍ଟବଲ ସେଠାକୁ ଯାଇ ସାକ୍ଷୀ ନାମକ ଏକ ବ୍ୟକ୍ତି ଉପରେ ସନ୍ଦେହ କରି ତାହାର ପଛରେ ଗାମୁଛାରେ ଉଣ୍ଡି ପୀଡ଼ା ଦେଇଥିଲା । ଅଧିକନ୍ତୁ ସବାଳେ ମାଲଗାଡ଼ି ନିକଟସ୍ଥ ଏକ ଗଛରେ ପାଣି ଦେଇ ମାର ଦେଉଥିବାର ଦେଖାଗଲା, ଯାଜପୁର ସୁପ୍ରଣ୍ଡେ ଏବ କଟକ ଓ ଯାଜପୁରର ଇନସ୍ପେକ୍ଟରମାନେ ତଦନ୍ତ କରି ସ୍ୱଜନ ଦେଇଅଛନ୍ତି । ମୋକଦ୍ଦମା-ଦଣ୍ଡାଧୀନରେ ଅଛି ।

ଆଗାମୀ ସେନ୍ସସ ନିମନ୍ତେ ସଭମାନଙ୍କର ଡମ୍ବରଦସ୍ତା ଇତ୍ୟାଦି କାର୍ଯ୍ୟ ଆରମ୍ଭ ହେଲାଣି ।

ଗତ ତା ୧୧ ଋଣଠାରୁ ଜିଲ୍ଲା ପ୍ରାଇମେରିପରୀକ୍ଷା ହୋ-ଇଥିଲା । ଏଠା ହାଇସ୍କୁଲ ଗୃହରେ ୫୭୦ ଣ ଛାତ୍ର ପରୀକ୍ଷା ଦେଇଥିଲେ ।

ଜାଜପୁର ଘଟଣା ଭାଗ୍ୟନିଧି ତା ନୌକାରେ ଯେଉଁ ବ୍ୟକ୍ତି ଅପଣା ପୁଅକୁ ଏକ ଖଣ୍ଡ ନାଉରୀ ଏକ କ୍ଷେତ୍ର ପାଇବାରେ ସେ ମଞ୍ଜିକା ମୋକଦ୍ଦମା କଥା ଏପୂର୍ବେ ଲେଖିଥିଲୁ ତମ୍ବରରେ ତାହାଙ୍କରେ ୫ ୩୦ ଟଙ୍କା ଅର୍ଥଦଣ୍ଡ ହୋଇଅଛି ।

ଉଲାଙ୍ଗସ୍ତା, ବରୁଥି, ଚାଉଳି ପ୍ରଭୃତି ପ୍ରକାର ଧାନ-ଫସଲ [illegible] ଏ ଦଶା ଉପରେ ବୃଷ୍ଟି ନ ହେବାରୁ ପୋକ ଲାଗି ନଷ୍ଟ ହୋଇଅଛି । ସେ ସବୁ ସ୍ଥାନର ଲୋକଙ୍କର କଷ୍ଟର ସୀମା ନାହିଁ । ଯାଜପୁରବାଲିର ଧାନ ନୌକାରୁ ଟଙ୍କାକ ସେ ୨୮ ର ଲେଖାଏଁ ଧାନ କିଣି ଲୋକ ପ୍ରାଣ ରକ୍ଷା କରୁ ଅଛନ୍ତି । ଅବସ୍ଥା ଶୋଚନୀୟ ଜଣାଯାଏ ।

---

## ଜ୍ଞେୟଜ୍ଞାପନ ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶୀଲ ଶ୍ରୀଯୁକ୍ତ ପର ମପୂଜନୀୟ ମହାମାନ୍ୟବର ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ

ସମୀପେଷୁ

ମହାଶୟ,

ନିମ୍ନଲିଖିତ ପ୍ରଶ୍ନ ଦୁଇଗୋଟିକୁ ଆପଣଙ୍କର ଉତ୍କଳ ଗୌରବ ପତ୍ରିକାର ଏକକୋଣରେ ସ୍ଥାନ ପ୍ରଦାନ କରି ବାଧିତ କରିବେ ।

୧ମ ପ୍ରଶ୍ନ—

ଯଦ୍ୟପି କୌଣସି ଜମ୍ମୁଣ୍ଡ ଜମ୍ମିଦାରଙ୍କୁ ( ଏକ ଅମୀନ ବା ଏକ ମୋହରରଙ୍କୁ ) ଏକ ସରକାରୀ ଦାଗର ପକ୍ଷରେ ବସ୍ତୁଗତ ଦଖଲଦାରୀକୁ କୁଏ

Split by PDF Splitter

Digitized by srujanika@gmail.com

Split by PDF Splitter



ତେବେ ସେ ସେଥିରେ ତାହାଙ୍କ ନାମ ପୂର୍ବରେ "ଶ୍ରୀ" ଲେଖିପାରିବେ କି ନା ? ଯଦ୍ୟପି ଲେଖି ନ ପାରନ୍ତି ତାହାର କାରଣ କଅଣ ?

୨ୟ ପ୍ରଶ୍ନ —

ଯଦ୍ୟପି କୌଣସି ବ୍ୟକ୍ତି ଯାହାଙ୍କର ପିତା ବା ଭ୍ରାତାଙ୍କ ନିକଟକୁ ଏକ ପରିଚିତ ବ୍ୟକ୍ତିଙ୍କଦ୍ୱାରା ( ଯେ ବ୍ୟକ୍ତି ପତ୍ର ପ୍ରେରକ ଓ ଗ୍ରାହକ ଉଭୟଙ୍କୁ ଜାଣନ୍ତି ) ପତ୍ର ପ୍ରେରଣ କରନ୍ତି ତେବେ ସେ ବ୍ୟକ୍ତିଙ୍କର ( ପତ୍ର ପ୍ରେରକଙ୍କର ) ପତ୍ର ଉପରେ ପିତା ବା ଭ୍ରାତାଙ୍କ ନାମ ବ୍ୟତୀତ କେବଳ "ପିତା ମହୋଦୟ ପାଇବେ" ବା "ଭ୍ରାତା ମହାଶୟ ପାଇବେ" ଏପରି ଲେଖିବାର ଉଚିତ କି ?

ଯଦ୍ୟପି ଉଚିତ ନ ହୋଇଥାଏ ତେବେ ତାହାର କାରଣ କଅଣ ?

ବିଜ୍ଞବର୍ଗ ଉପରୋକ୍ତ ପ୍ରଶ୍ନ ଦୁଇଗୋଟିର ଉତ୍ତର ପ୍ରଦାନ କରି ବାଧିତ କରନ୍ତୁ ।

। ମୁ । ଲେହାଡାଲ
ଛଳଦୁର୍ଗ
୨୨।୧୦।୧୯୦୦ } ଆପଣଙ୍କର ବଶମ୍ବଦ ଶ୍ରୀ ସାଲମଣି ଧଳ

---

ମହାଶୟ !

ଅସ୍ମମାନଙ୍କର ମାନ୍ୟବର ଗଡ଼ଜାତ ସୁପରିଂଟେଣ୍ଡେଣ୍ଟ ସାହେବ ଗସ୍ତ ଉପଲକ୍ଷେ ଗତ ମାସ ତା ୧୬ ରଖ ପୂର୍ବାହ୍ଣ ଘ ୧୦ ଘଣ୍ଟା ସମୟରେ ଏହି ଅସ୍ମଦୁର୍ଗସ୍ଥ ସର୍ବଶ୍ରେଷ୍ଠ କାରୁସ୍ଥଳେ ପ୍ରତ୍ୟାଗମନାନନ୍ତର ଅପରାହ୍ଣରେ ରାଜ ଦରବାର ସମ୍ବନ୍ଧୀୟ କାଗଜ ପତ୍ର ପରିଦର୍ଶନ କଲେ ତତ୍ପର ଦିବସ ପ୍ରାତଃ ଘ ୭ ଘଣ୍ଟା ସମୟରେ ଇନ୍ଦ୍ରୋପମ ତାଏଁ ମଣ୍ଡ ସିଭିଲ ହସ୍ପିଟାଲ ଓ ଡେଙ୍କଡେଣ୍ଟର କାର୍ଯ୍ୟାବଳୀ, ଶ୍ରୀ ଜଗନ୍ନାଥ ସ୍କୋଲ, ଜେଲଖାନା, ସେଟଲମେଣ୍ଟ ଅଫିସ, ଦେବ ଜମିର ଶ୍ରୀ ରଘୁନାଥ ଦେବଙ୍କ ମନ୍ଦିର ଓ ଯାହାକୋଠାପରସ୍ଥ ସ୍ୱପ୍ନେଶ୍ୱର ଦେବଙ୍କ ମନ୍ଦିର ପରିଦର୍ଶନାନ୍ତେ ମିଡ଼ିଲ ଭର୍ଣ୍ଣା-କ୍ୟୁଲର ସ୍କୁଲରେ ଉପସ୍ଥିତ ହୋଇ ଛାତ୍ରମାନଙ୍କ ପ୍ରଦତ୍ତ ଅଭିନନ୍ଦନପତ୍ର ଏବଂ ବାଳକା ସ୍କୁଲ ଛାତ୍ରୀମାନଙ୍କ ପଦ୍ୟାବୃତ୍ତିରେ ବିଶେଷ ସନ୍ତୁଷ୍ଟ ହୋଇ କୋଠିକୁ ଫେରିଗଲେ । ଅପରାହ୍ଣରେ ସେଟଲମେଣ୍ଟ, ପୋଲିସ୍ ଓ କଲେକ୍ଟରୀ ଅଫି-ସର କାଗଜ ପତ୍ର ଦେଖି ଆନନ୍ଦିତ ହୋଇଥିଲେ ସାୟଂକାଳରେ ଶ୍ରୀ ରାଜା ମହୋଦୟଙ୍କ ଅନୁରୋଧ ଅନୁସାରେ ଗଡ଼ଜନବଳଙ୍କୁ ସୁସଜ୍ଜିତ କରି ପତ୍ର ପୁଷ୍ପ ପରିଶୋଭିତ ସଜ୍ଜ ମଣ୍ଡପରେ ଉପବେଶନ-ପଶ୍ଚାତ ଶ୍ରୀ ରାଜା ମହୋଦୟଙ୍କ ରଚିତ ସ୍ୱାଗତ-ଅଭିନନ୍ଦନପତ୍ର ଏବଂ ଜଗନ୍ନାଥ ସ୍କୋଲ ଓ ମିଡ଼ିଲ ଭର୍ଣ୍ଣାକ୍ୟୁଲର ସ୍କୁଲ ହେଡ଼ ପଣ୍ଡିତ ଏହି ଦୁଇଙ୍କ ପ୍ରଦତ୍ତ ଦୁଇଖଣ୍ଡି ଅଭିନନ୍ଦନପତ୍ର ଶ୍ରବଣାନନ୍ତର ସଙ୍ଗୀତ ଓ ବାଦ୍ୟ ନୃତ୍ୟ ହେଲା । ଅନନ୍ତର ପ୍ରଜାବତ୍ସଳ ଶ୍ରୀ ରାଜା ମହୋଦୟ ସାଧାରଣ ଦୁର୍ଭିକ୍ଷ ପ୍ରପୀଡ଼ିତ ପ୍ରଜାମାନଙ୍କ ନିମନ୍ତେ ବାର୍ଷିକ ପଞ୍ଚାଶତ ମୁଦ୍ରା ଭାରତୀୟ ଦୁର୍ଭିକ୍ଷ ପାଣ୍ଠିରେ ପ୍ରଦାନ କରିବା କଥା ଜଣାଇବାରେ ସାହେବ ମହୋଦୟ ତହିଁରେ ସ୍ୱୀକୃତ ହୋଇ ଏହା ଗୋଟିଏ ମହାନ୍ ଦାନ ମଧ୍ୟରେ ପରିଗଣିତ ଅଟେ ବୋଲି ବ୍ୟକ୍ତ କରି ଅତ୍ୟନ୍ତ ଆନନ୍ଦିତ ହେଲେ ତଦନନ୍ତର ସଭା ଭଙ୍ଗ ହେଲା ଓ ପ୍ରଶଂ-ସିତ ସାହେବ ମହୋଦୟ ସ୍ୱନିବାସକୁ ପ୍ରତ୍ୟାଗମନ କାଳରେ ଶ୍ରୀ ରାଜା ମହୋଦୟ ଶ୍ରୀ ଶ୍ରୀ ଗୋପକ ଦେବଙ୍କ ଫୁଲିଶ ବାହାର କାରୁକାର୍ଯ୍ୟ ମାନଙ୍କ ସାହେବ ମହୋଦୟଙ୍କୁ ପ୍ରଦର୍ଶନ କରାଇ ବିଦାୟ ଦେଲେ ତତ୍ପର ଦିବସ ମାନ୍ୟବର ମହୋଦୟ ସ୍ୱର୍ଗରଥ ଦୁର୍ଗାଇମୁଣ୍ଡେ ଗମନ କଲେ । ଇତି ।

ତା ୨୦।୧୧।୧୯୦୦ } ବଶମ୍ବଦ
ଶ୍ରୀ ପୀତାମ୍ବର ପ୍ରଧାନ
ଅସ୍ମଦୁର୍ଗ ଗଡ଼ଧାମ } ଆଠଗଡ଼ ରାଧାନାଥପୁର ଶାସନ

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ଦନୋବନ୍ଧୁ ପଟନାୟକ | ୬ ୩ ୧ |
| " ବୈକୁଣ୍ଠନାଥ ଦଲ୍ ଡଞ୍ଚ | ୬ ୧ ୧ |
| " ସୁନ୍ଦରଶ୍ୟାମ ଦାସ ଗଉଡ଼ିଆ | ୬ ୩ ୧ |
| " [illegible] | ୬ ୧ ୧ |
| ସେ୍ୱ ଭଦ୍ରାଶ୍ରମ [illegible] | ୬ ୬ ୧ |
| ଶ୍ରୀ ବାବୁ ଗୋପାଳଚନ୍ଦ୍ର ସାହୁ [illegible] | ୬ ୧ ୧ |

---

## ବିଜ୍ଞାପନ ।

ହିନ୍ଦୋଳ ଷ୍ଟେଟର ଦେଶୀୟ ଜରିପକାର୍ଯ୍ୟ ସମାଧା ହେବାପାଇଁ ୨୪୦ ଣ ଅମୀନ ଓ ହେଡ଼ଅମୀନ ଦରକାର । ମାସିକ ବେତନ ଯଥାକ୍ରମେ ୫୮ । ଓ ୯୬ ଟା । ଆଗାମୀ ପୌଷମାସ ତା ୧ ରଖରେ ଉକ୍ତ କର୍ମାର୍ଥୀମାନଙ୍କର ଉପସ୍ଥିତ ହେବାର ଆବଶ୍ୟକ ।

ହିନ୍ଦୋଳଗଡ଼
। ଜ । ଦେବ
୨୭।୧୧।୧୯୦୦ } ସର୍ବାଜ୍ଞାନୁସାରେ ଶ୍ରୀ ଗୋବର୍ଦ୍ଧନଗୋପାଳ ଦେବାନ୍ ।

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉ ଅଛି ଯେ କେନ୍ଦୁଝର ଗଡ଼ଜାତ ମାଇନର ସ୍କୁଲର ହେଡ଼ ମାଷ୍ଟର କର୍ମ ମାସିକ ଟ ୪୦୲ଙ୍କା ବେତ-ନରେ ଏବଂ ସେକେଣ୍ଡ ମାଷ୍ଟର କର୍ମ ମାସିକ ଟ ୨୫୲ଙ୍କା ବେତନରେ ଦୁଇ ଗୋ ୨ ଟି କାର୍ଯ୍ୟ ଖାଲିଅଛି ହେଡ଼ମାଷ୍ଟର କର୍ମ ସକାଶେ ଏଲ, ଏ ପାସ କରିଥିବା ଲୋକ ଓ ସେକଣ୍ଡମାଷ୍ଟର ସକାଶ ଏଣ୍ଟ୍ରାନସ ପାସ କରିଥିବା ଲୋକ ଏବଂ କାର୍ଯ୍ୟଦକ୍ଷ ଓ ସଚ୍ଚରିତ୍ର ଲୋକ ଦରକାର କାର୍ଯ୍ୟପ୍ରାର୍ଥୀ-ମାନେ ସ୍ୱ ୨ ଆବେଦନ ପତ୍ର ସହିତ କାର୍ଯ୍ୟଦକ୍ଷତାର ସାର୍ଟିଫିକଟ ସହିତ ଶୀଘ୍ର ଆବେଦନ କରନ୍ତୁ । ଡିସେମ୍ବରମାସ ଶେଷପର୍ଯ୍ୟନ୍ତ ପ୍ରାର୍ଥୀମାନଙ୍କ ଆବେ-ଦନ ପତ୍ର ଗ୍ରହଣ କରାଯିବ ନିମ୍ନ ଲିଖିତ ଠିକ-ଣାରେ ଆବେଦନପତ୍ର ପଠାଇବେ । ଇତି ।

ତା ୫।୧୦।୧୯୦୦
କେନ୍ଦୁଝରଗଡ଼
ପୋଷ୍ଟ ଆନନ୍ଦପୁର } ଶ୍ରୀ ମହାରାଜା

---

NEW YORK LIFE INSURNCE COMPNY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

---

## ବିଜ୍ଞାପନ ।

ଦୁଇ ଜଣ ଲାଇସେନ୍ସ ଭ୍ୟାକ୍ସିନେଟର ଙ୍କ । ବହ୍ରମ୍ପୁ ସହା ଶେ ଅବଶ୍ୟକ । ଯେଉଁମାନଙ୍କ ଉକ୍ତ କାର୍ଯ୍ୟ କରିବାକୁ ଇଚ୍ଛା ଥାଏ ସେମାନେ ଟଙ୍କା ୨ ପ୍ରଶଂସାପତ୍ର ସହିତ ଆସନ୍ତା ଡିସେମ୍ବରମାସ ତା ୧୫ ରଖ ମଧ୍ୟରେ ଆମ୍ଭ ନିକଟକୁ ଆବେଦନ ପତ୍ର ପଠାଇ ପାରିବେ ।

ହଜେଉର ମାନେଜର
। ଜ । ବହ୍ରମ୍ପୁ ।
୧୩।୧୧।୧୯୦୦ } M. M. Patnaik
ମାନେଜର ।

---

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର ଜିମ୍ବା କୁଜି ଦସ୍ତୁର, ଲଙ୍କୋଲି, ଖାଲେଶ୍ୱର ଓ ବାଲି ଥାନା ମଧ୍ୟସ୍ଥିତ ସମସ୍ତ ବାଙ୍କିବାକୀ ( ଟାକ୍ସ ) ସନ ୧୨୦୦ ମସିହା ଡିସେମ୍ବର ମାସ ତା ୫ ରଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା ୩୧ ରଖ ପର୍ଯ୍ୟନ୍ତ ବର୍ଷ ୦।୪ ମାସ ନିମନ୍ତେ ସନ ୧୯୦

Digitized by srujanika@gmail.com

ମସିହା ଡିସେମ୍ବର ମାସ ତା ୪ ଲଖ । ମୁ । ସନ ୧୩୦୮ ସାଲ ମାର୍ଗଶିର ମାସ ୨୦ ନ ଦିବା ୧୨ ଘ ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମାନ ବାହାଦୁରଙ୍କ ହସ୍ତରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଲୋକମାନେ ଡାକ ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ । ଯାହାଙ୍କ ଡାକ ସର୍ବାପେକ୍ଷା ଅଧିକ ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହିତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିଲାମି ଜରସମନର ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକୀ ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବା ମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ କିସ୍ତିର ଜରସମନ ସେହି କ୍ୱାଟରର ପ୍ରଥମ ତାରିଖରେ ଅଗ୍ରିମ ଦେବାକୁ ହେବ ନ ହେଲେ ତହିଁରେ ଯେ କ୍ଷତି ହେବ ତାହା କ୍ରେତାଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହିତା ନିୟମିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ସ୍ୱତନ୍ତ୍ରେ କବୁଲିୟତି ଲେଖିଦେଇ ରେଜିଷ୍ଟ୍ରୀ କରିଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି ଘାଟିହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାଇବେ ତହିଁଲାଗି ଯଦ୍ୟପି ନିଲାମ ଖରିଦଦାର ସ୍ୱପକ୍ଷ ବ୍ୟକ୍ତି ଥିବାର ପ୍ରମାଣ ନ ହେବ ତାହା ହେଲେ ତତ୍କ୍ଷଣାତ୍ ତାହାର ଉପାର୍ଜିତ ଜବତ ଜମା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ସାଜ ବିକ୍ରୀ କରାଯିବ ।

ଥାନା କଟକ
୧ । ତେଲେଙ୍ଗାପେଣ୍ଠ
୨ । ବାରଙ୍ଗ
୩ । ଘାଥପୁର

ଥାନା ଜଗତସିଂହପୁର
୧ । ବାଲିଅ
୨ । ସଞ୍ଜାଉସାହି
୩ । ଗୋବିନ୍ଦପୁର
୪ । ଜଗତସିଂହପୁର
୫ । କସର୍ଦା
୬ । ଝଉଲେ
୭ । କଅଁଳ
୮ । ମାଧବ
୯ । ବନ୍ଧିପୁର
୧୦ । ସୁଦୁକଣ୍ଠି
୧୧ । ରଘୁନାଥପୁର
୧୨ । ବାଲିକୁଦା

ଥାନା ବାଙ୍କୀ
୧ । ଚର୍ଚ୍ଚିକା
୨ । ଲକ୍ଷ୍ମୀପୁର
୩ । ପଥୁରିଆପଡ଼ା
୪ । କଳାପଥର
୫ । ବୈଦେଶ୍ୱର
୬ । ସୁବର୍ଣ୍ଣପୁର
୭ । ଗୋଲପୁର
୮ । ହରିପୁର

ଥାନା ତିର୍ତ୍ତୋଲ
୧ । ଜନକପୁର
୨ । ନୟାପଟଣା
୩ । ପଙ୍କପାଲ

ଥାନା ଶାଲେପୁର
୧ । ଜଗନ୍ନାଥପୁର
୨ । ମୌଦା
୩ । ଖଣ୍ଡୋଳ
୪ । ଅସୁରେଶ୍ୱର
୫ । ନରସିଂହପୁର
୬ । କଲସରପୁର

M. DAS.
Vice-Chairman.

ଉଚ୍ଚପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରତ୍ୟେକ ଫରମାଶରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟାରୀ ।

## NOTICE

### WANTED

A Sub-Inspector for the Dhenkanal Sadar Police Station on a Salary of Rs. 50 per mensem. Must be of active habit and able to ride-height 5′ 4″ and chest measurement 31″. A thorough knowledge of English is indispensable, the candidate being able to read and write fluently. Preference will be given to candidates who have police experience. All applications to the District Superintendent of Police Angul, Orissa.

Angul Police office
The 10th November. 1900.
Camp

Banwari Lal Chatterji,
*Inspector of Police*
*Incharge*
For Dist. Supdt. of Police
on tour

## ବିଜ୍ଞାପନ ।

## ନୃସିଂହପୁରାଣ ।

ଏ ଗ୍ରନ୍ଥ ପାଠ କଲେ ପାଠକବୃନ୍ଦ ସାଂସାରିକ ଯାବତୀୟ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମରୂପେ ବୁଝି ପାରିବେ । ବିଶେଷ ଗୁରୁଙ୍କ ସ୍ମରଣ ରଖି ତଦନୁଯାୟୀ ଚଳିଲେ ମୋହମାୟାରୁ ଅତିକ୍ରମ କରି ପରମପଦ ଲଭି ପାରିବେ । ସମସ୍ତ ପୁରାଣର ସାର ବିଷୟମାନ ସରଳଭାଷାରେ ସୁସଙ୍ଗତରୂପେ ଏଥିରେ ସନ୍ନିବେଶିତ ହୋଇଅଛି । ଏହା ଗୃହମାନଙ୍କର ଗୃହର ରତ୍ନସ୍ୱରୂପ ଅଟେ । ଅତଏବ ଗୃହୀମାନଙ୍କେ ଏଥିରୁ ଖଣ୍ଡିଏ କ୍ରୟ କରି ପଢ଼ିବା ଓ ପଢ଼ାଇ ଶୁଣିବା ଉଚିତ । ଏହା ୭ ଖଣ୍ଡରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡର ନାମ ଗ୍ରନ୍ଥକାର ରହାକର ନାମରେ ଉଦ୍ଦେଶ କରିଅଛନ୍ତି । ଏଥିର ୧ମ ରତ୍ନାକର ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ଖ ୧ ଶ୍ରୀ ୯ ୧। ଡାକମାସୁଲ ୯ ୦ /

ଚଉଧୁରୀବଜାର କଟକ } ପୁରାଣପ୍ରକାଶକ କମ୍ପାନୀ

## ବିଜ୍ଞାପନ ।

ମାସିକ ୯ ୧୨୧ ଙ୍କା ବେତନରେ ବନ୍ଦରଗ୍ରାମ ମାଇନର ସ୍କୁଲରେ ଏକଜଣ ହେଡ଼ ପଣ୍ଡିତ ଆବଶ୍ୟକ । ପୋଃ ଅଃ ବନ୍ଦରକୁଦ ଠିକଣାରେ ସମ୍ପାଦକଙ୍କ ନିକଟରେ ଆବେଦନ କରିବାକୁ ହେବ ।

## ବିବାହପଦ୍ଧତି ।

ଏଥିରେ ସୀକାର ବିଧି, ବିବାହ କର୍ମ, ଚତୁର୍ଥୀ କର୍ମ, ଚନ୍ଦ୍ରବନ୍ଦାପନା, ବିବାହ କର୍ମର କ୍ରମ ଏବଂ କେତେକ ବିବାହ ଜାଉକାସନ୍ଧୁତ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ୯ ୦ /

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ତଲ୍ଲାସ କଲେ ମିଳିବ ।

Split by PDF Splitter
Digitized by srujanika@gmail.com

Split by PDF Splitter




# ବିଜ୍ଞାପନ ।

## ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

ନାଟକ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଧର୍ମାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଛ ଅଣା ମାତ୍ର ।

## ଗୀତଗିରୀଶ ।

"ଗୀତଗୋବିନ୍ଦ" ରେ ଯେପରି ମଧୁର ରାଗ ରାଗିଣୀରେ ରଚିତ ହୋଇ ଶ୍ରୀକୃଷ୍ଣଙ୍କର ରାସକେଳି ବର୍ଣ୍ଣିତ ହୋଇଅଛି। "ଗୀତଗିରୀଶ" ରେ ଉତ୍କୃଷ୍ଟ ରାଗ ରାଗିଣୀରେ ହରପାର୍ବତୀଙ୍କର ରାସକେଳି ବର୍ଣ୍ଣିତ ହୋଇଅଛି । ଏହା ଗୀତଗୋବିନ୍ଦ ପରି ବାଇଶଗୋଟି ଅଷ୍ଟପଦୀ ବାସ୍ତବ ଶ୍ଳୋକରେ ରଚିତ ହୋଇ ଅଛି । ଏହାର ମୂଲ୍ୟ ସାଧାରଣଙ୍କ ସୁବିଧାର୍ଥେ ଅତ୍ୟଳ୍ପ କରାଯାଇଅଛି ।

ମୂଲ୍ୟ ଟ ୦ ୵ ୨ ମାତ୍ର

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

# ବିଜ୍ଞାପନ ।

## ଯାଦୁରି ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୵ ଛ ଅଣା ମାତ୍ର ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଗୃହ-ଅଣା ମାତ୍ର ।

ସର୍ବସ୍ଥାନର ଦଦ୍ରୁ ରୋଗର ଏହାପରି ଉତ୍କୃଷ୍ଟ ପୂର୍ଣ୍ଣ ଜ୍ୱାଳା ଯନ୍ତ୍ରଣା ବିହୀନ ଅଶ୍ରୁ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ, ଶହ ଶହ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି ।

ଔଷଧ ପ୍ରାପ୍ତ୍ୟର୍ଥ ନାମକେ ସ୍ପଷ୍ଟରୂପେ ଠିକ ନାମ, ଧାମ, ଡାକଘର, ଜିଲା ଏବଂ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ବାଧା ଉପସ୍ଥିତ ହୁଏ ।

ପ୍ରାପ୍ତସ୍ଥାନ

ଶ୍ରୀ ରାମଚାନ୍ଦ ଶେଠ

ବେଙ୍କ ଉତ୍କଳ ଷ୍ଟୋର, ବାଲେଶ୍ୱର




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ୍, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ। ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉପୁଡ଼ିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:—
ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା,
ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା,
ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା,
ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁହେଲି; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ବେଲଖୋସ; ହ୍ୱାଇଟ୍ ରୋଜ୍; ବସନ୍ତ ରୋଜ୍; ବେଣାଟେର; ଲ୍ୟାଭେଣ୍ଡର; ମିଲଫ୍ଲାୱାର୍; ହେଲିଓଟ୍ରୋପ; ପାରଜାତ-କୁସୁମ; ଇତ୍ୟାଦି । ମୂଲ୍ୟ ଏକଶିଶି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଦଶଅଣା, ସାନଶିଶି ଛଅଣା ।

## ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୂଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଟିକିଏ ମିଶାଇଦେଲେ ଗୁଣ୍ଡି ମହକିପଡ଼ିବ । ମୂଲ୍ୟ ପ୍ରତି ଶିଶି ଆଠଅଣା ।

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ପକ୍ଷରେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ପାଇନ ଆପଲ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ଭଦ୍ରଲୋକମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ନମୁନା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରୀଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।


ଉତ୍କଳ ଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ନିମନ୍ତେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଖର୍ଚ୍ଚ ଟ ୦ ୵ ଚାରିଅଣା ରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ନିମନ୍ତେ ଖର୍ଚ୍ଚ ପ୍ରଥମ ଥରର ତେହରା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED No. C. 31.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ଅଙ୍କ ବ
୪ ୪୭ ସଂଖ୍ୟା

ଭା ୮ ଦଶ ସାଲେ ଡିସେମ୍ବର ସନ ୧୯ — ଶନିବାର। ମା। ୱ ୨୪ ଡ ମାର୍ଗଶିର ସନ ୧୩୦୮ ସାଲ ଶନିବାର

ଅଗ୍ରୀମ ଟ ୩୧
ପଶ୍ଚାଦ୍ଦେୟ ଟ ୬୧

ବଙ୍ଗାଲନାଗପୁର ରେଲବେର କଟକ କଲ-କତା ଶାଖା ବର୍ତ୍ତମାନ୍ ଖଡ଼୍ଗପୁର ଖାଲପର୍ଯ୍ୟନ୍ତ ଚିହ୍ନିଅଛି। ଶୁଣାଯାଏ ଯେ ଗତଡମାସ ତା୧୦ରିଖ ଠାରୁ ଉକ୍ତର ଅବଶିଷ୍ଟାଂଶ ଖଡ଼୍ଗପୁରଖାଲ ଠାରୁ ହାବଡ଼ାପର୍ଯ୍ୟନ୍ତ ଫିଟିବ ଅର୍ଥାତ୍ କଟକ ଓ କଲିକତା ରେଲବାଟଦ୍ୱାରା ଯୋଗ ହୋଇ-ଯିବ। ରେଲକମ୍ପାନିର ବିଜ୍ଞାପନ ଏପର୍ଯ୍ୟନ୍ତ ବାହାର ନାହିଁ।

———

ବଙ୍ଗଳା ରେବିନ୍ୟୁବୋର୍ଡ଼ର ମେମ୍ବର ଦ୍ୱୟ ଶ୍ରୀଯୁକ୍ତ ଓଲଡ୍ହାମ ଓ ବୁଏକନ୍ସ ସାହେବମାନେ ଗତମାସ ଶେଷ ସପ୍ତାହରେ ସେନସର ନେଇ କଟକ ଯାତ୍ରା କଲେ। ଓଲଡ୍ହାମ ସାହେବ ବଙ୍ଗାଳିମାନଙ୍କୁ ଏବଂ ବୁଏକନ୍ସ ସାହେବ ଓଡ଼ି-ଆମାନଙ୍କୁ ପକ୍ଷ ପାଉଥିଲେ। ବଙ୍ଗାଳିମାନେ କୃତଜ୍ଞତା ଏବଂ ସ୍ନେହ ପ୍ରକାଶ ନିମନ୍ତେ ଓଲ-ଡ୍ହାମ ସାହେବଙ୍କୁ କଲିକତାରେ ଏକ ମଜଲିସ କରି କନ୍ଗ୍ରାଚୁଲେସନ ସହିତ ବିଦାୟ ଦେଇଥିଲେ। ବୁଏକନ୍ସ ସାହେବ ଓଡ଼ିଶାରୁ ଦୂରରେ ରହି-ବାରୁ ସେପରିକିଛି ହୋଇପାରିନାହିଁ।

————

କଂଗ୍ରେସ ବ୍ୟବସ୍ଥାପକ ସଭାରେ ସେ ପ୍ରଦେ-ଶର ବିଶ୍ୱ ବିଦ୍ୟାଳୟର ପ୍ରତିନିଧିସ୍ୱରୂପ ବର୍ତ୍ତ-ମାନ୍ ମାନ୍ୟବର ଏନ, ଜି, ଚନ୍ଦବାରକର ଜଣେ ସଭ୍ୟପଦରେ ନିଯୁକ୍ତ ଅଛନ୍ତି। ସେହି ମାନ୍ୟବର ମହାଶୟଙ୍କୁ ଜାତୀୟ ମହାସମିତିର ଆସନ୍ତା ଅଧିବେଶନର ସଭାପତି କରିବାର ସ୍ଥିର ହୋଇଅଛି। ଚନ୍ଦବାରକର ମହାଶୟ ସମି-ତିର ଅଧ୍ୟକ୍ଷାଲୟରୁ ଜଣେ ପୁରୁଣାବନ୍ଧୁ ଅଟନ୍ତି ଏବଂ ସନ ୧୦ ବର୍ଷରେ ସମିତିର ପ୍ରତିନିଧିସ୍ୱରୂପ ବିଲାତକୁ ଯାଇଥିଲେ। ତାହାଙ୍କର ନିର୍ବାଚନ ଅତି ଉଚିତ ହୋଇଅଛି ସନ୍ଦେହ ନାହିଁ।

———

ଗତମାସ ତା ୨୫ ଶେଷରେ ଶେଷହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଅନ୍ୟୂନ ୮୭ ହଜାର କମି ହୋଇ ୩ଲକ୍ଷ ୪୦ ହଜାରରେ ରହିଥିଲା। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୬୩ ହଜାର କାର୍ଯ୍ୟଦ୍ୱାରା ଏବଂ ୧ ଲକ୍ଷ ୭୭ ହଜାର ଭିକ୍ଷାଦ୍ୱାରା ସାହାଯ୍ୟ ପାଇଥିଲେ। ବମ୍ବେଇଛଡ଼ା ଅନ୍ୟ ସମସ୍ତ ଦୁର୍ଭିକ୍ଷଗ୍ରସ୍ତ୍ୟାଞ୍ଚଳରୁ ସାହାଯ୍ୟ କାର୍ଯ୍ୟର ବ୍ୟବସ୍ଥା ଉଠିଯାଇଅଛି। ବମ୍ବେଇର କେତେକ ଅଂଶ ବିଶେଷତଃ ପୁନା, ସତାରା, ଧାରବାଡ଼, ବିଜାପୁର ଅହମଦାବାଦରେ ଜଳ ଅଭାବରୁ କ୍ଷେତ ଶୁଖି ଯାଉଅଛି।

———

ଡ୍ରକ୍ ପ୍ରେଷ୍ଟନ ଅଟ୍ଟରେ ପାଠ ବଳୀ ର ସ୍ଥଳର ବ୍ରାହ୍ମଣମାନେ ଗୋଟିଏ ସଭା ସ୍ଥାପନ କରୁଅଛନ୍ତି ଏବଂ ତତ୍ସ୍ଥାନର ସ୍କୁଲର ପ୍ରଧାନ ପଣ୍ଡିତ ଶ୍ରୀଯୁକ୍ତ ସଦାଶିବ ନାବ୍ୟକଣ୍ଠ ସଭାପତି ମନୋନୀତ ହୋଇ ଅଛନ୍ତି। ସ୍ଥାନୀୟ ବ୍ରାହ୍ମଣ ପିଲାମାନଙ୍କୁ ସଂସ୍କୃତ ଶିକ୍ଷା ବିଷୟରେ ଉତ୍ସାହ ଦେବା ଏବଂ ତନ୍ନି-ମିତ୍ତ ଅର୍ଥସାହାଯ୍ୟ କରିବା ସଭାର ଉଦ୍ଦେଶ୍ୟ ଅଟେ। ଆଶା କରୁଅଛି ମାନ୍ୟବର ଲେଫ୍ଟେଣ୍ଟ ଏବଂ ମହାମାନ୍ୟ ବଡ଼ଲାଟ ଆଗାମୀ ସପ୍ତାହରେ ପୁରୀରେ ବ୍ରାହ୍ମଣମାନ ସଭାରେ ସଭାର ପରିଦର୍ଶନ ପ୍ରାପ୍ତ ହୋଇ ଉପଯୁକ୍ତ ଉତ୍ସାହ ପ୍ରଦାନ କରିବେ।

—※—

ମାନ୍ୟବର ଲେଫ୍ଟେଣ୍ଟ ସାର୍ ଉଡ଼ବରନ ବାହାଦୁରଙ୍କର ଓଡ଼ିଶା ଭ୍ରମଣର ସମୟ ନିମ୍ନେ ପ୍ରକଟିତ ହେଲା ଯଥା—

ତାରିଖ ଓ ବାର ମୁକାମ

ଡିସେମ୍ବର ତା ୮ ରଖ

| | | | |
|---|---|---|---|
| ଶନିବାର | ପୁରୀ ପ୍ରବେଶ ସକାଳ | | ଘ ୭ ଟା |
| ତା୯-ରବ | ,, ପ୍ରସ୍ଥାନ | ,, | ଘ୧୧ଟା |
| | ଭୁବନେଶ୍ୱର ପ୍ରବେଶ ଅପରାହ୍ନ | | ଘ ୧ ଟା |
| | ,, ପ୍ରସ୍ଥାନ | ,, | ଘ ୩ ଟା |
| | ବଡ଼ଖୁଲ ପ୍ରବେଶ | ,, | ଘ ୭ ଟା |
| ତା୧୦-ସୋମ | ,, ସ୍ଥିତି | | |
| ତା୧୧-ମଙ୍ଗଳ | ,, ପ୍ରସ୍ଥାନ | ପୂର୍ବାହ୍ନ | ଘ୧୧ଟା |
| | ପୁରୀ ପ୍ରବେଶ | ଅପରାହ୍ନ | ଘ ୪ ଟା |
| ତା୧୨-ବୁଧ | ,, ପ୍ରସ୍ଥାନ | ସକାଳ | ଘ ୬ ଟା |
| | କଣାରକ ପ୍ରବେଶ | ,, | ଘ ୮ ଟା |
| | ,, ପ୍ରସ୍ଥାନ | ଅପରାହ୍ନ | ଘ ୪ ଟା |
| ତା୧୩-ଗୁରୁ | ଖୋର୍ଦ୍ଧା ପୁରୀ ପ୍ରବେଶ | ସକାଳ | ଘ ୮ ଟା |
| | ,, ପ୍ରସ୍ଥାନ | ଅପରାହ୍ନ | ଘ ୪ ଟା |
| ତା୧୪-ଶୁକ୍ର | କଲିକତା ପ୍ରବେଶ | ଅପରାହ୍ନ | ଘ ୪ ଟା |

ପୁରୀ, ଭୁବନେଶ୍ୱର ଓ ବଡ଼ଖୁଲ ଭ୍ରମଣ ରେଲରେ ଏବଂ ଅବଶିଷ୍ଟ ଡାକଗାଡ଼ିଦ୍ୱାରା ହେବ।

———

Digitized by srujanika@gmail.com

Split by PDF Splitter



"ମେଦନୀବାନ୍ଧବ"ରୁ ଅବଗତ ହେଲୁଁ ଯେ ଖଡ୍ଗପୁର ରେଲଷ୍ଟେସନ ବାଟେ ଗତବର୍ଷ ଲକ୍ଷ୨ ମହଣ ଧାନ ଚାଉଳ ରପ୍ତାନି ହୋଇଥିଲା । ଧାନ ଚାଉଳର ମହାଜନମାନେ ବସ୍ତା ଉପରେ ପ୍ରତିମହଣରେ ଧର୍ମବୃତ୍ତି ନାମରେ କଡ଼ା୨ ଧର୍ମାର୍ଥ ଜମା ରଖନ୍ତି । ଗତବର୍ଷର ବ୍ୟବସାୟରେ ସେହି ବୃତ୍ତିଦ୍ୱାରା ଏତେଟଙ୍କା ଜମା ହୋଇଥିଲା ଯେ ଗତ ସପ୍ତାହରେ ତଦ୍ଦ୍ୱାରା [illegible] ଭାଗ ମହୋତ୍ସବ ହୋଇଥିଲା । ଭଗବତ୍‌ସଂକୀର୍ତ୍ତନ ଅଷ୍ଟପ୍ରହର ସଂକୀର୍ତ୍ତନ କଙ୍ଗାଳଭୋଜନ ଯାହା ପ୍ରଭୃତି ଆମୋଦ ହୋଇଥିଲା । ଏହା ମହାଜନମାନଙ୍କ ମଧ୍ୟରେ ଏକତା ସ୍ଥାପନ ଏବଂ ସାଧାରଣ ସହାନୁଭୂତି ଲାଭର ଗୋଟିଏ ସୁନ୍ଦର ଉପାୟ ଅଟେ ଏବଂ ସକଳସ୍ଥାନରେ ଏପରି ହେବା ଉଚିତ ।

---

### ଯୁଦ୍ଧ ସମ୍ବାଦ ।

ଲର୍ଡ଼ ରବର୍ଟ୍‌ସ ଅଗଷ୍ଟ ତା ୧୫ ରିଖରେ ଯୁଦ୍ଧଭୂମି ପରିତ୍ୟାଗ କରି ବିଲାତଯାତ୍ରା କରିବେ । ଲର୍ଡ଼କିଚନରଙ୍କ ପ୍ରତି ଯୁଦ୍ଧଭାର ଅର୍ପିତ ହୋଇଅଛି । କିନ୍ତୁ ଯୁଦ୍ଧର ବିରାମ ନାହିଁ । ବ୍ରିଟିସଙ୍କ ପକ୍ଷର ସେନାପତି ନକ୍ସ ଓ ପାଜେଟ ଯୁଦ୍ଧରେ ବ୍ୟସ୍ତ ଥିବାର ସମ୍ବାଦ ମିଳୁଅଛି ଓ ବୁଅର ପକ୍ଷରେ ସେନାପତି ଡିବେଟ୍, ଷ୍ଟିନ ପ୍ରଭୃତି ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ । ବ୍ରିଟିସ ସେନାପତି ନକ୍ସ ବେଥୁଲିର ଉତ୍ତର ୧୬ମାଇଲ ଅନ୍ତରରେ ବୁଅର ସେନାପତି ଡିବେଟଙ୍କୁ ଧରିବା ଚେଷ୍ଟାରେ ପହଞ୍ଚିଅଛନ୍ତି ।

ମିଷ୍ଟ କ୍ରୁଗାର ଗାଉସ ନଗରରେ ଫରାସିମାନଙ୍କଠାରୁ ହତାଶ ହୋଇ ଜର୍ମାନ ସମ୍ରାଟଙ୍କ ସହିତ ସାକ୍ଷାତ ଅଭିଳାଷରେ ଜର୍ମାନୀକୁ ଯାଇଥିଲେ ସେଠାରେ ମଧ୍ୟ ନିରାଶ ହୋଇ ହଲାଣ୍ଡ ଗମନ କରୁଅଛନ୍ତି, କେହି ତାହାଙ୍କର ସହାୟ ହେଲା ପରି ଜଣା ଯାଉ ନାହିଁ ।

ଚୀନଠାରେ ଖ୍ରୀଷ୍ଟିୟାନମାନଙ୍କ ହତ୍ୟାକାରୀ ପ୍ରତି ପାଣି ଦଣ୍ଡାଜ୍ଞା ! ବାହାର ଉଠାଯାଇ ସେମାନଙ୍କୁ ଫାଶି ଦିଆଯାଇଅଛି ।

---

### ପୁଲିସ ଉତ୍ପାତ ।

ଏ ଜିଲ୍ଲା ବାଲେଶ୍ୱର ଥାନା ଅନ୍ତର୍ଗତ ଗ୍ରାମ କୁଆ ମୌଜା ନିବାସୀ ଅର୍ଜୁନ ପଣ୍ଡା ଗତ ସେପ୍ଟେମ୍ବର ମାସ ତା ୧୬ ରିଖରେ ଏଠା ଫଉଜଦାରୀ କଚେରୀରେ ନାଲିସ କଲା ଯେ ଉକ୍ତ ମାସ ତା ୫ ରିଖରେ ଶୁଭରପଡ଼ା ମୌଜା ନିବାସୀ ପଖୀର ଖାନ ଓ ତାହାର ତୁଜ ଘର ତାହାକୁ ମାଡ଼ ମାରି ଛତା ବନ୍ଧୁଆ ଇତ୍ୟାଦି ଟ ୨୫ ଙ୍କା ମୂଲ୍ୟର ମାଲ ଛଡ଼ାଇ ନେଲେ । ଦରଖାସ୍ତ ପୁଲିସ ତଦନ୍ତ କାରଣ ପଠାଗଲା ଏବଂ ପୁଲିସ ମୋକଦ୍ଦମା ସତ୍ୟ ଥିବାର ରିପୋର୍ଟ କରି ( ଏ ) ଫାରମ ପଠାଇଲେ । ଗତମାସ ତା ୧୨ ରିଖରେ ଶ୍ରୀଯୁକ୍ତ ଡେଭିଡ଼୍‌ସନ ଡେପୁଟି ମାଜିଷ୍ଟ୍ରେଟ ମୋକଦ୍ଦମା ବିଚାର କରି ଆସାମିମାନଙ୍କୁ ଖଲାସ ଦେଲେ । ତାହାଙ୍କ ରାୟର ପ୍ରଧାନ ଅଂଶ ଏଠାରେ ପ୍ରକାଶ କଲୁଁ ଯଥା;—

"From the evidence adduced before me and a consideration of the circumstances of the case I think it is very doubtful whether any theft was committed at all. The witnesses cited all live at a distance from the scene of the alleged occurrance and 2 at least of them appear to be creatures of complt. There may have been an altercation of some sort between complt. and defendants but I do not belive there was any theft. Why complt. did not inform the police at once is not explained also. The stolen ariticles, too have not been recovered under the circumstances I discharge accused under sec 258 C. P. C. enter false under sec. 379 I. P. C."

ଅର୍ଥାତ୍ ଚୋରିମାଲ ବାହାର ନାହିଁ କି ମୁଦ୍ଦେଇ ତତ୍‌କ୍ଷଣାତ୍ ପୁଲିସରେ ସମ୍ବାଦ ନ ଦେବାର ହେତୁ ଦର୍ଶାଇ ନାହିଁ । ମୁଦ୍ଦେଇର ସାକ୍ଷୀମାନେ ଘଟଣା ସ୍ଥଳର ଦୂରବାସୀ ଅଟନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନ୍ତତଃ ଦୁଇଜଣ ତାହାର ଅନୁଗତ ଅଟନ୍ତି । କିଛି କଜିଆ ହେଲେ ହୋଇଥିବ ମାତ୍ର ଚୋରି କଥା ଅମୂଳ-ବିଶ୍ୱାସ ହେଉ ନାହିଁ ।

ମୁଦ୍ଦାଲା ଖଲାସ ପାଇ, ଦରଖାସ୍ତ ଦେଇ ଏ ମାମଲା ଚଳୁଥିବା ସମୟରେ ତାହା ନାମରେ ଉଅରେଣ୍ଟ ବାହାରିବାରୁ ସେ ଅଦାଲତରେ ଉପସ୍ଥିତ ହୋଇ ଜାମିନରେ ଖଲାସ ହୋଇଥିବା ପ୍ରତ୍ୟକ୍ଷେ ପୁଲିସ କନଷ୍ଟବଲ ତାକୁ ସେ ଉଅରେଣ୍ଟ ବଳରେ ଧରି ଚାଲାଣ କରି ଅପମାନ କଲା । ମାତ୍ର ପୁଲିସ ଉଅରେଣ୍ଟ ରହିତ ହେବାର ଅନ୍ୱେଷଣ ପାଇବା ପୂର୍ବେ ଅସାମୀକୁ ଗିରଫତାର କରିବାର କଇଫିୟତ ଦେବାରୁ ସେ ଦରଖାସ୍ତରେ କିଛି ଫଳ ହେଲା ନାହିଁ । ଏଥିରୁ ପ୍ରଶ୍ନ ଏହି କି ଲୋକଙ୍କର ଧନ ପ୍ରାଣ ଏବଂ ସମ୍ମାନ ରକ୍ଷା ନିମନ୍ତେ ସରକାର ପୁଲିସ ବସାଇ ଅଛନ୍ତି । ସେହି ପୁଲିସ ଯେବେ ଅପଣା କର୍ତ୍ତବ୍ୟ କାର୍ଯ୍ୟର ଗୁରୁତ୍ୱ ଅନୁଭବ ନ କରି ଅଯଥା ତଦନ୍ତ ଦ୍ୱାରା ମିଥ୍ୟାକୁ ସତ୍ୟ ବୋଲି ରିପୋର୍ଟ କଲା ଏବଂ ରହିତ ହୋଇଥିବା ଉଅରେଣ୍ଟ ବଳରେ ଏକ ଲୋକକୁ ଚାଲାଣ ଦେଇ ଅପମାନ କଲା ଅଥଚ ତହିଁର କିଛି ପ୍ରତିବିଧାନ ହେଲା ନାହିଁ ତେବେ ପୁଲିସର ଦୁର୍ଣ୍ଣାମ ଉପରେ ହେବ ଏବଂ ଉପରେ ଅବା ଲୋକେ ପୁଲିସର ମୂର୍ଖତା ବା ଅତ୍ୟାଚାରରୁ ରକ୍ଷା ପାଇବେ ? ଏପ୍ରକାର ଘଟଣା ଏହି ଗୋଟିଏ ନୁହେ, ବେଳେ ଏପରି ଘଟିବାର ଖୋଜିଲେ ଅନେକ ଉଦାହରଣ ମିଳିବ । ଫଳତଃ ଗୋଟିଏ ହେଲେ ମଧ୍ୟ ଏହାବେଳେ ଉପେକ୍ଷା କରିବା ଉଚିତ ନୁହେ । ଅତଏବ ନିମ୍ନ ପୁଲିସ କର୍ମଚାରୀଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା କାରଣ ଜିଲ୍ଲାର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏବଂ ମାଜିଷ୍ଟ୍ରେଟଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ ।

---

### ସନ ୧୯୦୦ ମସିହା ମଧ୍ୟ ଇଂରାଜୀ ବୃତ୍ତି ପରୀକ୍ଷାର ଫଳ ।

୧ମ ଶ୍ରେଣୀ ପାରଦର୍ଶିତାନୁସାରେ ।

| ନମ୍ବର | ଛାତ୍ରର ନାମ | ସ୍କୁଲର ନାମ | ଜିଲା ବା [illegible] |
|---|---|---|---|
| ୧ | ହେମଚନ୍ଦ୍ର ସତପଥୀ | କଟକ ମିଶନ | କଟକ |
| ୨ | ସାମୁଏଲ ଯୋସେଫ | ବାରବାଟୀ | ବାଲେଶ୍ୱର |
| ୩ | ଶରତ୍‌ଚନ୍ଦ୍ର ମୋହନ ଚଟ୍ଟୋପାଧ୍ୟାୟ | କଟକ ମିଶନ | କଟକ |
| ୪ | ଜୀବନାନନ୍ଦ ଦାସ | କଟକ ଟାଉନ | " |
| ୪ | ପଶୁରାମ ମହାନ୍ତି | ପାଇଲଟ | ପୁରୀ |
| ୬ | ବଳେକୃଷ୍ଣ ଦାସ | ସୋରୋ | ବାଲେଶ୍ୱର |
| ୭ | ସାଧୁଚରଣ ପଟ୍ଟନାୟକ | କଟକ ମିଶନ | କଟକ |
| ୮ | ଲଳିତ ଚନ୍ଦ୍ର ସିଂହ | ନୀଳଗିରି | ଗଡ଼ଜାତ |
| ୯ | ପୀତବନ୍ଧୁ ମିଶ୍ର | ସୋରୋ | ବାଲେଶ୍ୱର |
| ୧୦ | ଚନ୍ଦ୍ରମଣି ଦାସ | ବାପ୍ଟିଷ୍ଟ କଲେଜିଏଟ | କଟକ |
| ୧୧ | ନିତ୍ୟାନନ୍ଦ ମିଶ୍ର | ମହଙ୍ଗା | |

୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେ ।

| ନମ୍ବର | ଛାତ୍ରର ନାମ | ସ୍କୁଲର ନାମ | ଜିଲା |
|---|---|---|---|
| ୧ | ମଦନମୋହନ ନାଥପଣ୍ଡିତ | କଟକ ମିଶନ | କଟକ |
| ୨ | ଲଳିତ ମୋହନ ଦେ | " | " |
| ୩ | କୃଷ୍ଣଚନ୍ଦ୍ର ସେନ ଗୁପ୍ତ | " | " |
| ୪ | ମହେନ୍ଦ୍ର ନାଥ ମହାନ୍ତି | " | " |
| ୫ | ରାଧାକୃଷ୍ଣ ମହାନ୍ତି | " | " |

Digitized by srujanika@gmail.com

Split by PDF Splitter



୬ ଢଇମେଢନ ଲଗ୍ନ   କଟକ ମିଡ଼ିଲ   କଟକ
୭ ଆର୍ତ୍ତବଲ୍ଲଭ ମହାନ୍ତି   ରୋମାନ କାଥଲିକ   ”
୮ କୃଷ୍ଣଚନ୍ଦ୍ର ମିଶ୍ର   ସିଦ୍ଧେଶ୍ୱର ପୁର   ”
୯ ସୁରେନ୍ଦ୍ରଚନ୍ଦ୍ର ଘୋଷ ସିଦ୍ଧେଶ୍ୱର ପୁର   ”
୧୦ ଉମାଚନ୍ଦ୍ର ଦାସ ଜାଜପୁର “ମେଟ୍ରୋପ”   ”
୧୧ ଗୋବିନ୍ଦଚନ୍ଦ୍ର ଦାସ   ଜାଜପୁର   ”
୧୨ ଦକ୍ଷୀମଣି ଦାସ   ”   ”
୧୩ ଲକ୍ଷ୍ମୀଧର ଦାସ   ”   ”
୧୪ ସେଖ ମୋବାରକ ଅଲ୍ଲୀ   ମଉଦା   ”
୧୫ ବଳଭଦ୍ର ମହାନ୍ତି   ବଡ଼ଗୋଳା   ”
୧୬ ମଦନମୋହନ ସେନାପତି   ଦୋରଇ   ”
୧୭ ହାଡ଼ିଚରଣ ପଟ୍ଟନାୟକ   ”   ”
୧୮ ରଘୁନାଥ ମହାନ୍ତି   ବଳଦେବ   ”
୧୯ ଶ୍ୟାମ ରାଉତ   ”   ”
୨୦ ଜଗନ୍ନାଥ ରଥ   ଡେଲାଙ୍ଗ   ପୁରୀ
୨୧ ମଧୁଚରଣ ମହାନ୍ତି   କାମାପଡ଼ା   ”
୨୨ ଜଗନ୍ନାଥ ମହାପାତ୍ର   ହରଚଣ୍ଡୀସାହି   ”
୨୩ ହଳଧର ମହାପାତ୍ର   ”   ”
୨୪ ପଦ୍ମଚରଣ ପଟ୍ଟନାୟକ   ”   ”
୨୫ ଦେବେନ୍ଦ୍ର ନାଥ ମିତ୍ର   ”   ”
୨୬ ଗିରିବର ଦାସ   ”   ”
୨୭ କୃଷ୍ଣଚନ୍ଦ୍ର ଦାସ   ”   ”
୨୮ [illegible] ଦାସ [illegible] ବାଲିକାର
୨୯ ହରପ୍ରସାଦ ମିଶ୍ର   ଭିକ୍ଟୋରିଆ ଜୁବିଲି   ”
୩୦ ଶ୍ରୀରାମଚରଣ ପଣ୍ଡା   ଦେଲଙ୍ଗଡ଼ା   ”
୩୧ ବୃନ୍ଦାବନ ଦ୍ୱିବେଦୀ   ସୋରୋ   ”
୩୨ ମାର୍କଣ୍ଡେୟ ସାହୁ   ଦୋଲସାହି   ”
୩୩ ଈଶ୍ୱର ବଳ   ”   ”
୩୪ ରାଜବନ୍ଧୁ ମଙ୍ଗରାଜ   ମାଳଗିରି   ଗଡ଼ଜାତ
୩୫ ବଂଶୀଧର ଦାସ   ”   ”
୩୬ [illegible]ନାଥ ମହାନ୍ତି   ”   ”

୩ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ ।

୧ ଚକ୍ରଧର ମହାପାତ୍ର   କଟକ ଟାଉନ   କଟକ
୨ ବିନୋଦଚରଣ ମିଶ୍ର   ”   ”
୩ ନାରାୟଣ ପ୍ରସାଦ ମହାନ୍ତି ରୋମାନ କାଥଲିକ   ”
୪ ପାର୍ବତୀ ନନ୍ଦ   ଜାଜପୁର “ମେଟ୍ରୋପ”   ”
୫ ଯୋଗୀ ରାଉତ   ବନ୍ଥୁଆର   ”
୬ କୃଷ୍ଣବଲ୍ଲଭ ଘୋଷ   ”   ”
୭ ଭାଗବତ ମିଶ୍ର   କୋଠପଦା   ”
୮ ଯୋଗେନ୍ଦ୍ର ମହାନ୍ତି   କେନ୍ଦ୍ରାପଡ଼ା   ”
୯ ରାମଚନ୍ଦ୍ର ମହାନ୍ତି   ”   ”
୧୦ ହରେକୃଷ୍ଣ ମହାନ୍ତି   ”   ”
୧୧ କୃଷ୍ଣବଲ୍ଲଭ ମହାନ୍ତି   ”   ”
୧୨ ଶ୍ୟାମଳଚନ୍ଦ୍ର ଦତ୍ତ   ଅସୁରେଶ୍ୱର   ”

୧୩ ଶ୍ରୀଚରଣ ଜଗତି   ଫକୀରାବାଦ   କଟକ
୧୪ ଦୈତାରି ନାୟକ   ଡେଲାଙ୍ଗ   ପୁରୀ
୧୫ ରାମଚନ୍ଦ୍ର ଦାସ   କାମାପଡ଼ା   ”
୧୬ ସତ୍ୟବାଦୀ ତ୍ରିପାଠୀ   ”   ”
୧୭ ଶ୍ୟାମ ମହାନ୍ତି   ହରଚଣ୍ଡୀ ସାହି   ”
୧୮ ସାଧୁପ୍ରସାଦ ଦାସ “ଭିକ୍ଟୋରିଆ” ଜୁବିଲି ବାଲେଶ୍ୱର
୧୯ ପୀତବାସ ମହାନ୍ତି   ”   ”   ”
୨୦ ଲକ୍ଷ୍ମୀନାରାୟଣ ମହାନ୍ତି   ”   ”   ”
୨୧ ମଧୁଚରଣ ଦାସ   ଓଳମସ   ଗଡ଼ଜାତ
୨୨ ଲକ୍ଷ୍ମୀ ନାରାୟଣ ଖୁଣ୍ଟିଆ   ”   ”
୨୩ ମଧୁସୂଦନ ନନ୍ଦ   ଖାଲଗିରି   ଗଡ଼ଜାତ
୨୪ ଲକ୍ଷ୍ମୀନାରାୟଣ ଦାସ   ”   ”
୨୫ ସାରଙ୍ଗଧର ଦାସ   ଢେଙ୍କାନାଳ ହାଃ ଇଃ   ”

କେବଳ ଇଂରାଜୀ ସାହିତ୍ୟରେ ଉତ୍ତୀର୍ଣ୍ଣ ।

୧ ବ୍ରଜବନ୍ଧୁ ବେହେରା   ସଙ୍ଗଳ   କଟକ
୨ ବିଶ୍ୱନାଥ ଦାସ   ମଉଦା   ”
୩ ନାରାୟଣ ତ୍ରିପାଠୀ   ଟିଗର   ”
୪ ସୁଶୀଳା ଦାସ   ଫିମେଲ ଅର୍ଫାନେଜ   ”
୫ ସରୋଜିନୀ ନାୟକ   ”   ”
୬ କାଳିକୃଷ୍ଣ କର   ଫକୀରାବାଦ   ”
୭ ରାଧାଶ୍ୟାମ ମହାନ୍ତି   ”   ”
୮ ବିନୋଦ ମହନ୍ତ   ”   ”
୯ ବାସୁଦେବ ମିଶ୍ର   ଭୁବନେଶ୍ୱର   ପୁରୀ
୧୦ କୃଷ୍ଣମୋହନ ଦଣ୍ଡପାଟ   ”   ”
୧୧ ଦଇତାରି ମଣ୍ଡଳ   ବହଳଦା   ଗଡ଼ଜାତ
୧୨ ଭଗବାନ ପଟ୍ଟନାୟକ   ଢେଙ୍କାନାଳ ହାଃ ଇଃ   ”
୧୩ ଆର୍ତ୍ତବନ୍ଧୁ ମହାନ୍ତି   ”   ”   ”

Cuttack.
The 30 November 1900 }   *Inspector of Schools*
*Orissa Circle*

---

ସନ ୧୯୦୦ ମସିହା ମଧ୍ୟ ଛାତ୍ରବୃତ୍ତି ପରୀକ୍ଷାର ଫଳ

୧ ମ ଶ୍ରେଣୀ ପାରଦର୍ଶିତାନୁସାରେ ।

୧ ଗୋବିନ୍ଦ କର   ରଣାହତୀ   ପୁରୀ
୨ ଶ୍ରୀକୃଷ୍ଣ ନାୟକ   ହିନ୍ଦୋଳ   ଗଡ଼ଜାତ
୩ ଜଗନ୍ନାଥ ମିଶ୍ର   ବୀରନରସିଂହପୁର   ପୁରୀ
୪ ଲୋକନାଥ ମିଶ୍ର   ”   ”
୫ ନାରାୟଣମୋହନ ଦେ   କାଗୁଆଇ   ବାଲେଶ୍ୱର
୬ ମଧୁସୂଦନ ମହାପାତ୍ର   ଭୁବନେଶ୍ୱର   ପୁରୀ
୭ { ନୃସିଂହନାଥ ବସୁ ଭିକ୍ଟୋରିଆ ଜୁବିଲି ବାଲେଶ୍ୱର
  { ଅନନ୍ତ ରଥ   ନରସିଂହପୁର   ଗଡ଼ଜାତ
୯ ବାସୁଦେବ ଦାସ   ସାମନ୍ତରାପୁର   କଟକ
୧୦ { ବାଳକୃଷ୍ଣ ମହାପାତ୍ର ବୀରନରସିଂହପୁର ପୁରୀ
  { ଗୋପୀନାଥ ପଟ୍ଟନାୟକ ନୟାଗଡ଼ ଗଡ଼ଜାତ
୧୨ ସୁଦର୍ଶନ ମହାପାତ୍ର   ଟାଙ୍ଗି   ପୁରୀ
୧୩ ଭକ୍ତକିଶୋର ମିଶ୍ର   ଖଣ୍ଡପଡ଼ା   ଗଡ଼ଜାତ

୧୪ ମଦନମୋହନ ପଟ୍ଟନାୟକ ନୟାଗଡ଼ ଗଡ଼ଜାତ
୧୫ ଦୌଲତ ବେହେରା   ଅଠମଲ୍ଲିକ   ”
୧୬ { ବଳ୍ପଚରଣ ମହାନ୍ତି କଟକ ଟାଉନ   କଟକ
  { ଜଗନ୍ନାଥ ପଟ୍ଟନାୟକ ସୁବର୍ଣ୍ଣପୁର   ”

୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ ।

୧ ରତ୍ନାକର ଗୁପ୍ତ   କୁଆଁଗା   କଟକ
୨ ମଣି ବଲ୍ଲଭ   ଦେଉଠପଦା   ”
୩ ରଘୁନାଥ ଦାସ   ମହାଙ୍ଗପୁର   ”
୪ ଦୁର୍ଯ୍ୟୋଧନ ଦାସ   ”   ”
୫ ମଧୁସୂଦନ ମିଶ୍ର   କଉଡ଼ଣା   ”
୬ ନରସିଂହ ମିଶ୍ର   କାଙ୍କାଇ ଗଡ଼   ”
୭ ଚନ୍ଦ୍ରମୁଖୀ ପ୍ରହରାଜ ରେଭେନସା ହାଃ ବାଃ ବିଃ ”
୮ ଭୁଅନମଣି ଦାସ ଫିମେଲ ଅର୍ଫାନେଜ   ”
୯ ଫକୀରଚରଣ ବେଶ   ବଳଙ୍ଗା   ”
୧୦ ଜୟକୃଷ୍ଣ ସିଂହ   କେନ୍ଦ୍ରାପଡ଼ା   ”
୧୧ କାଳୀଚରଣ ମହାନ୍ତି   କଞ୍ଜା   ”
୧୨ ବିଦ୍ୟାଧର ଭୂଷାଳ   ଚଉଁକା   କଟକ
୧୩ ନାରାୟଣ ମହାପାତ୍ର   ସୁବର୍ଣ୍ଣପୁର   ”
୧୪ ବଂଶୀଧର ଦାସ   ହରଚଣ୍ଡୀସାହି   ପୁରୀ
୧୫ ସହଦେବ ଦାସ   ପାଉଗଡ଼   ”
୧୬ ସଦାଶିବ ମହାପାତ୍ର   ବୀରନରସିଂହପୁର   ”
୧୭ ଅନନ୍ତ ମିଶ୍ର   ଶ୍ରୀରାମଚନ୍ଦ୍ରପୁର   ”
୧୮ ଗୋବିନ୍ଦ କର   ”   ”
୧୯ କାଳୀଚରଣ ମିଶ୍ର ଶାସନ ଦାମୋଦରପୁର   ”
୨୦ ରଘୁନାଥ ମିଶ୍ର   ଜଗନ୍ନାଥ ପୁର   ”
୨୧ ଗୋପୀନାଥ ମିଶ୍ର   ”   ”
୨୨ ଫକୀର ମିଶ୍ର   ”   ”
୨୩ ଈଶ୍ୱର ମହାପାତ୍ର   ଭୁବନେଶ୍ୱର   ”
୨୪ କାମଦେବ ନାୟକ   ”   ”
୨୫ କାଶୀନାଥ ଦାସ   ଟାଙ୍ଗି   ”
୨୬ ଲୋକନାଥ ଘୋଷ   ପିପିଲି   ”
୨୭ ଗୋବିନ୍ଦଚନ୍ଦ୍ର ପାଣି   ପ୍ରତାପଶାସନ   ”
୨୮ ଗୋପୀନାଥ ପଟ୍ଟନାୟକ   ବେଗୁନିଆ   ”
୨୯ ମଦନମୋହନ ଜଗଦେବ   ବୋଲଗଡ଼   ”
୩୦ ଗୋଦାବରୀଶ ମିଶ୍ର   ବାଣପୁର   ”
୩୧ ଶରତ୍‌ଚନ୍ଦ୍ର ଗୁପ୍ତ ଭିକ୍ଟୋରିଆ ଜୁବିଲି ବାଲେଶ୍ୱର
୩୨ ଦୟାନିଧି ପଣ୍ଡା   ଅଲ୍ଲିପୁର   ”
୩୩ ରୁଦ୍ରନାରାୟଣ ପ୍ରଧାନ   ”   ”
୩୪ କୃଷ୍ଣଚନ୍ଦ୍ର ତ୍ରିପାଠୀ   ଭେମୁଣା   ”
୩୫ ବୀରଭଦ୍ର ରଣା   ”   ”
୩୬ ଶ୍ରୀପତି ଚକ୍ରବର୍ତ୍ତୀ   ”   ”
୩୭ ମହମ୍ମଦ ହନିଫ ଖାଁ ବର୍ତ୍ତିଳ ମ. ଭାଷା   ”
୩୮ ଭଗବାନପ୍ରସାଦ ଦାସ   ”   ”
୩୯ କୃଷ୍ଣପ୍ରସାଦ ମହାନ୍ତି   ବସ୍ତା   ”
୪୦ ହରିଚରଣ ରାଉଳ   ଜୋଡ଼ଦଣ୍ଡା   ”
୪୧ ଶ୍ରୀମତୀ ବାସମଣିଗୃହ, ବାଲେଶ୍ୱର ବାଃପି   ”

Digitized by srujanika@gmail.com

Split by PDF Splitter



୪୨ ମଣି ଦାସ ଚୋଠାର ବାଲେଶ୍ୱର
୪୩ ଭୋଲାନାଥ ସାହୁ " "
୪୪ ବଳରାମ ମହାପାଣି ବାଣ୍ଟଗଡ଼ "
୪୫ ଗୁରୁପ୍ରସାଦ ପାଣିଗ୍ରାହୀ ଅଳନ୍ତପୁର "
୪୬ ହରପ୍ରସାଦ ମହାନ୍ତି ବାଲିଖଣ୍ଡ "
୪୭ ସେଖ ବଦିରୁଦ୍ଦୀନ ଗୁଡ଼ଦରଡ଼ା "
୪୮ ଘନଶ୍ୟାମ ଦାସ ଚୋଡ଼େଇ "
୪୯ ଅଦ୍ଵୈତ ମହାନ୍ତି ମଙ୍ଗଳପୁର "
୫୦ ପୁରୁଷୋତ୍ତମ ବେହେରା " "
୫୧ ଗୌରାଙ୍ଗଚରଣ ଗଡ଼ନାୟକ ଅନୁଗୁଳ ଅନୁଗୁଳ
୫୨ ଜଗଦେଖର ସାହୁ " "
୫୩ ଅନନ୍ତପ୍ରସାଦ ଦାସ ସାଲଗାଁ ଗଡ଼ଜାତ
୫୪ ଆନନ୍ଦ ପରିଡ଼ା ବୌଦ "
୫୫ ଅଭିରାମ ପଟ୍ଟନାୟକ ନରସିଂହପୁର "
୫୬ ବୈଦ୍ୟନାଥ ଦାସ " "
୫୭ ମଧୁସୂଦନ ସେନାପତି ରଣପୁର "
୫୮ ବ୍ରଜସୁନ୍ଦର ବେହେରା ହିନ୍ଦୋଳ "

* ୨ୟ ଶ୍ରେଣୀ ପାରଦର୍ଶିତାନୁସାରେ ନୁହେଁ ।

୧ ହଲଧର ମହାନ୍ତି କଟକ ଟ୍ରେନିଂ କଟକ
୨ ଗୁରୁଚରଣ ଜେନା " "
୩ ସଚ୍ଚିଦାନନ୍ଦ ଦାସ " "
୪ କୃଷ୍ଣମୋହନ ସାହୁ କଟକ ବାପ୍ଟିଷ୍ଟ ଜେନେରାଲ "
୫ ରାମଚନ୍ଦ୍ର ପତି ନୂଆଗାଁ "
୬ ଆନନ୍ଦ ଦାସ ସଙ୍ଗର "
୭ ବାଲକୃଷ୍ଣ ସ୍ୱାଇଁ କୋଠପଦା "
୮ କାଶୀନାଥ କର ମହାସିଂହପୁର "
୯ ସୁଦର୍ଶନ ଷଡ଼ଙ୍ଗୀ " "
୧୦ ନନ୍ଦକିଶୋର ପଣ୍ଡା ସାମନ୍ତରାପୁର "
୧୧ ବାଲକୃଷ୍ଣ ରାଉତ ରଘୁନାଥପୁର "
୧୨ ଦ୍ୱାରକାନାଥ ସିଂହ ବିଷଳ "
୧୩ କେଦାର ଭୂୟାଁ ବାଙ୍ଗେରା "
୧୪ ବାସୁଦେବ ମହାପାତ୍ର " "
୧୫ ବୈଷ୍ଣବଚରଣ ଦାସ ରାମବାଗ "
୧୬ ନୀଳମଣି ପାଲିତ ବିଷଳ "
୧୭ ଅମ୍ବିକା ମୋହନ ଫଲ୍ଲୁବାଦ "
୧୮ ଗଣେଶ୍ୱର ମିଶ୍ର ରଣ୍ଡା "
୧୯ ହରିହରାନନ୍ଦ ବିଷାଳ ଅଯୋଧ୍ୟା "
୨୦ ଗଦାଧର ଶ୍ରୀଚନ୍ଦନ ହରିଚଣ୍ଡୀସାହି ପୁରୀ
୨୧ ବାମଦେବ ମିଶ୍ର ବାହାରିଗଡ଼ "
୨୨ ଗଦାଧର ମହାପାତ୍ର " "
୨୩ ଉପେନ୍ଦ୍ରନାଥ ଜଗଦେବ ଭୁବନେଶ୍ୱର "
୨୪ ବନମାଳୀ ତ୍ରିପାଠୀ ରେମୁଣା ବାଲେଶ୍ୱର
୨୫ ସେଖ ମହମ୍ମଦ ଜୋବେଦ ବଦ୍ରୁଦ୍ଦିନ ମାଙ୍କ୍ରାଷା "

୨୬ ଗଜବାସ ମିଶ୍ର ବସ୍ତା ବାଲେଶ୍ୱର
୨୭ ଶାରଦାପ୍ରସାଦ ମହାନ୍ତି କୋଉପଣ୍ଡା "
୨୮ ହରିହର ଦାସ ଶିଷଳ "
୨୯ ଯୁଧିଷ୍ଠିର ରାଉତ ଦୋଲସାହି "
୩୦ ରୂପନାରାୟଣ ଜେନା " "
୩୧ ପଣ୍ଡିତ ମହାନ୍ତି କାଉପୁର "
୩୨ ଭୋଳାନାଥ ମହାନ୍ତି ବାଗୁଡ଼ି "
୩୩ ସ୍ୱର୍ଣ୍ଣଚରଣ ମହାପାତ୍ର " "
୩୪ ହରେକୃଷ୍ଣ ନାୟକ " "
୩୫ ବୈଦ୍ୟନାଥ ମହାପାତ୍ର ବାଲିଖଣ୍ଡ "
୩୬ ସେଖ ପିରଜୀନ ଗୁଡ଼ଦରଡ଼ା "
୩୭ ଅର୍ଜୁନଚରଣ ପଣ୍ଡା " "
୩୮ ଜଗନ୍ନାଥ ମିଶ୍ର କୁଟେଇ "
୩୯ ଲକ୍ଷ୍ମୀଧର ପ୍ରଧାନ ଅନୁଗୁଳ ଅନୁଗୁଳ
୪୦ ଗୋପୀନାଥ ଗଡ଼ନାୟକ " "
୪୧ ଠାକୁର ଜେନା " "
୪୨ ଦ୍ୱାରକାନାଥ ରାଉ " "
୪୩ ରାମେଶ୍ୱର ମିଶ୍ର " "
୪୪ ଦୁର୍ଲଭ ସାହୁ " "
୪୫ ସଚ୍ଚିଦାନନ୍ଦ ପଟ୍ଟନାୟକ " "
୪୬ ରାଜକିଶୋର ମହାପାତ୍ର ଭୁଆଁମରା ଗଡ଼ଜାତ
୪୭ ପାଣନିଧି ବଳ ସାଲଗାଁ "
୪୮ ଶ୍ରୀରାମଚରଣ ପଣ୍ଡା ସାଲଗାଁ "
୪୯ ସଙ୍କର୍ଷଣ ମିଶ୍ର ବୌଦ "
୫୦ ଲିଙ୍ଗରାଜ ମିଶ୍ର ଢେଙ୍କାନାଳ ହାଃ ଇଂଃ "
୫୧ ଚିନ୍ତାମଣି ଦାସ " "
୫୨ ଜଗନ୍ନାଥ ସାମନ୍ତ ଆଠଗଡ଼ "
୫୩ ଗୋପୀନାଥ ରଥ " "
୫୪ ନାରାୟଣ ମିଶ୍ର ତାଳଚେର "
୫୫ ବୃନ୍ଦାବନ ନନ୍ଦ " "
୫୬ ମାଗୁଣି ମାଝି " "
୫୭ ପରମାନନ୍ଦ ଷଡ଼ଙ୍ଗୀ " "
୫୮ ପୀତବାସ ଦାସ " "
୫୯ ମାଗୁଣି ମିଶ୍ର " "
୬୦ ଚନ୍ଦ୍ରଶେଖର ଦାସ ନରସିଂହପୁର "
୬୧ ରଘୁନାଥସିଂହ ସାମନ୍ତ ଅଠମଲ୍ଲିକ "
୬୨ ଲିଙ୍ଗରାଜ ମିଶ୍ର ଦଶପଲ୍ଲା "

Cuttack
The 30th Nov.
1900.

J. REUTHER,
Inspector of Schools
Orissa Circle.

— — —

## ସନ ୧୯୦୦ ମସିହା ଲୁଅର ପ୍ରାଇମେରୀ ବୃତ୍ତି ପରୀକ୍ଷାର ଫଳ ।

### ପ୍ରଥମଶ୍ରେଣୀ ପାରଦର୍ଶିତାନୁସାରେ ।

| ନମ୍ବର | ଛାତ୍ରର ନାମ | ସ୍କୁଲର ନାମ | ଜିଲ୍ଲା ବା ଦେଶ |
|---|---|---|---|
| ୧ | ସେଖ ମନସୁର | ଦେହୁଳ | କଟକ |
| ୨ | ମୋହନ ସାହୁ | ଅନନ୍ତପୁର | କଟକ |
| ୩ | ହରେକୃଷ୍ଣ ସାମନ୍ତ | ବରପଟ | " |
| ୪ | ପରମାନନ୍ଦ ଧର | ସୁଣ୍ଡସୋଲ | ଗଡ଼ଜାତ |
| ୫ | ହରିମୋହନ ମିଶ୍ର | କୁମାରପୁର | ବାଲେଶ୍ୱର |
| ୬ | କଣ୍ଟୁର ସାହୁ | ଅନନ୍ତପୁର | କଟକ |
| | ବିଦ୍ୟାଧର ମହାପାତ୍ର | କଦ୍ୟାଗଡ଼ ମିଃ | ଗଡ଼ଜାତ |
| ୮ | ବାସୁଦେବ ଦାସ | ପାଟପୁର | କଟକ |
| ୯ | ଭାଗୀରଥୀ ପାତ୍ରସାହାଣି | ଅନୁଗୁଳଡ଼ିହି | ପୁରୀ |
| ୧୦ | ବୃନ୍ଦାବନ ଦାସ | ବଡ଼ | ବାଲେଶ୍ୱର |
| ୧୧ | ସୋମନାଥ ମିଶ୍ର ସର | ପୁରୁଷୋତ୍ତମପୁର | ପୁରୀ |
| ୧୨ | ସତ୍ୟବାଦୀ ତ୍ରିପାଠୀ | ସଗ୍ର | ଗଡ଼ଜାତ |
| ୧୩ | ଭାଗୀରଥୀ ନାଏକ | ହିନ୍ଦୋଳ ମିଃ | " |
